ଟିପ୍ପଣୀ

# ଏକକ - ୫ ଆତ୍ମ ବିକାଶ

## ସଂରଚନା


୫.୦ ଉପକ୍ରମ

୫.୧ ଶିକ୍ଷଣ ଉଦ୍ଦେଶ୍ୟ

୫.୨ ଶିକ୍ଷାର୍ଥୀମାନଙ୍କର ଆତ୍ମପ୍ରତୟର ବିକାଶ

୫.୩ ଶିକ୍ଷାର୍ଥୀମାନଙ୍କର ମୂଲ୍ୟବୋଧର ବିକାଶ

୫.୪ ଶିକ୍ଷାର୍ଥୀମାନଙ୍କର ମନୋବୃତ୍ତିର ବିକାଶ

୫.୫ ଶିକ୍ଷାର୍ଥୀମାନଙ୍କର ବିକାଶରେ ଅତ୍ମୋପଲବ୍ଧିର ଗୁରୁତ୍ୱ

୫.୬ ଅଭିପ୍ରେରଣା

୫.୭ ଏହି ଏକକରୁ ତୁମେ ଯାହା ଶିଖିଲ

୫.୮ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୫.୯ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୫.୧୦ ପାଠାନ୍ତ ପ୍ରଶ୍ନାବଳୀ


## ଉପକ୍ରମ

ଶିଶୁଟିଏ ଜନ୍ମ ନେବା ସମୟରେ ତା'ର କୌଣସି ଅଭିଜ୍ଞତା ନ ଥାଏ, ଏହା ସମସ୍ତଙ୍କୁ ଜଣା । ଯେତେବେଳେ ଶିଶୁଟିଏ ଧୀରେ ଧୀରେ ବଢିଥାଏ ବିଭିନ୍ନ ଦିଗରେ ସେ ନୂତନ ଅଭିଜ୍ଞତା ହାସଲ କରିଥାଏ । ବୃଦ୍ଧି ସାଧାରଣତଃ ୨ ପ୍ରକାରର । ୧. ଶାରୀରିକ ବୃଦ୍ଧି ଏବଂ ୨. ମାନସିକ ବା ମନସ୍ତାତ୍ତ୍ୱିକ ବୃଦ୍ଧି । ଶାରୀରିକ ବୃଦ୍ଧି ଶିଶୁର ଓଜନ, ଉଚ୍ଚତା ଇତ୍ୟାଦି ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା ସବୁ ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରିଥାଏ । ଜଣେ ଶିକ୍ଷକ ହିସାବରେ ତୁମେ ଶିକ୍ଷାର୍ଥୀମାନଙ୍କର ଆତ୍ମପ୍ରତ୍ୟୟର ସ୍ତର ଅନୁଯାୟୀ ସେମାନଙ୍କଠାରେ ବ୍ୟକ୍ତିଗତ ପ୍ରଭେଦ ଲକ୍ଷ୍ୟ କରିଥିବ । ତେଣୁ ଜଣେ ଶିକ୍ଷକ ହିସାବରେ ଶିକ୍ଷାର୍ଥୀର ସ୍ତରକୁ ବୁଝି ତାର ଆତ୍ମପ୍ରତ୍ୟୟର ଅଭିବୃଦ୍ଧି କରିବା ଆବଶ୍ୟକ । ଶିଶୁର ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରକାର କାରକ ଅଛନ୍ତି । ଏହି ଅଧ୍ୟାୟରେ ଆମେ ଶିଶୁର ଆତ୍ମପ୍ରତ୍ୟୟର ବିକାଶକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରକାର କାରକ ସମ୍ବନ୍ଧରେ ପଢିବା ।

## ୫.୧- ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପାଠ କରିବା ପରେ ତୁମେ

- ଆତ୍ମପ୍ରତ୍ୟୟ କିପରି ଗଠନ ହୁଏ, ତାହା ବର୍ଣ୍ଣନା କରିପାରିବ ।
- ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରୁଥିବା ପରିସ୍ଥିତିଗୁଡିକ କହିପାରିବ ।
- ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରୁଥିବା କାରକଗୁଡିକ ବିଷୟରେ କହିପାରିବ ।

- ମୂଲ୍ୟବୋଧର ବିକାଶରେ ଶୃଙ୍ଖଳାର ଆବଶ୍ୟକତା ଉଲ୍ଲେଖ କରି ପାରିବ ।
- ମନୋବୃତ୍ତିର ବିକାଶ ଏବଂ ସକାରାତ୍ମକ ମନୋବୃତ୍ତିର ବିକାଶରେ ଶିକ୍ଷକଙ୍କ ଭୂମିକାକୁ ବର୍ଣ୍ଣନା କରିପାରିବ ।
- ଶିକ୍ଷାର୍ଥୀର ଆତ୍ମୋପଲବ୍ଧିର ଗୁରୁତ୍ୱ ଓ ତାର ବିକାଶକୁ ବର୍ଣ୍ଣନା କରିପାରିବ ।
- ଶିକ୍ଷାର୍ଥୀମାନଙ୍କଠାରେ ଦେଖାଯାଉଥିବା ଅଭିପ୍ରେରଣାର ଲକ୍ଷଣ ଯଥା ଆନ୍ତ-ଅଭିପ୍ରେରଣା, ଜିଦ୍‌, ଆହ୍ୱାନ ଇତ୍ୟାଦିକୁ କହିପାରିବ ।
- ଅଭିପ୍ରେରଣାକୁ ବୃଦ୍ଧି କରୁଥିବା ପଦ୍ଧତି ଗୁଡିକୁ ପ୍ରଦର୍ଶନ କରିପାରିବ ।

## ୫.୨- ଶିକ୍ଷାର୍ଥୀମାନଙ୍କର ଆତ୍ମପ୍ରତ୍ୟୟର ବିକାଶ

### ୫.୨.୧- ପ୍ରତ୍ୟୟ ଓ ଆତ୍ମପ୍ରତ୍ୟୟ କିପରି ଗଠିତ ହୁଏ

ପ୍ରତ୍ୟୟ ହେଉଛି ମନର ଏକ ପ୍ରତିରୂପ । ଯାହାକି ପିଲାମାନଙ୍କୁ ପୃଥିବୀ ଏକ କାର୍ଯ୍ୟକ୍ଷମ ଏକକ ରୂପେ ବୁଝିବାରେ ସାହାଯ୍ୟ କରିଥାଏ । ପ୍ରତ୍ୟୟ ହେଉଛି ସମସ୍ତ ପ୍ରକାର ଶିକ୍ଷଣର ମୂଳଦୁଆ । ଶିଶୁ ଜନ୍ମଠାରୁ ବୃଦ୍ଧବୟସ ପର୍ଯ୍ୟନ୍ତ ସମସ୍ତେ ନୂତନ ଧାରଣା ଶିଖନ୍ତି ଏବଂ ପୁରାତନ ଧାରଣାକୁ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର କରନ୍ତି । ଶିକ୍ଷାର୍ଥୀମାନଙ୍କର ବୟସ, ଧୀଶକ୍ତି, ଅଭିଜ୍ଞତା ଇତ୍ୟାଦି ଦୃଷ୍ଟିରୁ ସେମାନଙ୍କର ଆତ୍ମପ୍ରତ୍ୟୟର ସ୍ତରରେ ଭିନ୍ନତା ପରିଲକ୍ଷିତ ହୁଏ । ଶିଶୁଟିଏ ତାର ବଂଶାନୁଗୁଣ ଓ ଅଭିଜ୍ଞତା ନେଇ ଜନ୍ମ ହୋଇଥାଏ, କିନ୍ତୁ ତାର ଇନ୍ଦ୍ରିୟମାନଙ୍କ ଦ୍ୱାରା ବାହ୍ୟଜ୍ଞାନ ଆହରଣ କରିଥାଏ । କୌଣସି ଶିଶୁର ଧାରଣା/ ପ୍ରତ୍ୟୟଗୁଡିକ ସମ୍ପୂର୍ଣ୍ଣ ବିକଶିତ ହୋଇପାରେ/ ଆଂଶିକ ବିକଶିତ ହୋଇପାରେ କିମ୍ବା ଆଦୌ ବିକଶିତ ହୋଇ ନପାରେ । କାରଣ ତାର ସଂସ୍କୃତି କିଛି ଦକ୍ଷତାର ବିକାଶକୁ ପ୍ରଭାବିତ କରିଥାଏ । ପ୍ରାରମ୍ଭିକ ପର୍ଯ୍ୟାୟରେ ଆତ୍ମପ୍ରତ୍ୟୟର ବିକାଶ ଉଦ୍‌ବେଗଜନକ ହୋଇଥାଏ । ତେଣୁ ଏହାର ବିକାଶ ନିମନ୍ତେ ଉପଯୁକ୍ତ ପରିବେଶ ଆବଶ୍ୟକ । ଯେଉଁ ଶିକ୍ଷାର୍ଥୀମାନଙ୍କର ପିତାମାତା ନିରକ୍ଷର ସେମାନଙ୍କୁ ଯେକୌଣସି ଧାରଣାକୁ ବୁଝିବା କଷ୍ଟକର ହୋଇଥାଏ । ତେଣୁ ଗୃହ, ବିଦ୍ୟାଳୟ ଓ ପଡୋଶୀଙ୍କ ପରିବେଶ ଶିକ୍ଷାର୍ଥୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଶିଶୁଟିର ଧୀରେ ଧୀରେ ବଢିବା ସହିତ ତା ଚାରିପାଖରେ ଥିବା ପରିବେଶରେ ଥିବା ବିଭିନ୍ନ ଧାରଣାକୁ ବୁଝିଥାଏ । ଯେପରି ଜୀବନ, ମର. ଅଙ୍ଗମାନଙ୍କର କାର୍ଯ୍ୟ, ଶୂନ୍ୟ, ଓଜନ, ସଂଖ୍ୟା, ସମୟ, ସାମାଜିକ, ସଚେତନତା, ଲିଙ୍ଗଭିତ୍ତିକ ବିବିଧତା ଓ ସୁନ୍ଦରତା ଇତ୍ୟାଦି ।

ପ୍ରତ୍ୟୟ/ଧାରଣାର ବିକାଶ ପିଲାଟି ଆଦ୍ୟ ଶୈଶବ ଅବସ୍ଥାରେ ପାଇଥିବା ଉଦ୍ଦୀପନା ଏବଂ ସୁଯୋଗ ଉପରେ ନିର୍ଭର କରିଥାଏ । ଉଦାହରଣସ୍ୱରୂପ ଯଦି ପିଲାଟିଏ ତାର ପିଲାବେଳେ ବିଭିନ୍ନ ଦେଶ ଭ୍ରମଣ କରିଥାଏ । ତେବେ ସେ ଜାଣିଥାଏ ଯେ ପୃଥିବୀର ବିଭିନ୍ନ ପ୍ରାନ୍ତରରେ ଲୋକେ ବିଭିନ୍ନ ଭାଷା ବ୍ୟବହାର କରନ୍ତି । ତାଙ୍କର ମଧ୍ୟ ଭିନ୍ନ ସଂସ୍କୃତି ରହିଛି । କିନ୍ତୁ ଏସବୁ ଜାଣି ନଥିବା ପିଲାଟି ନିମନ୍ତେ ଏଇ ଧାରଣାଟି ବୁଝିବା କଷ୍ଟକର ହୋଇଥାଏ । ତେଣୁ ସମସ୍ତ ବିଦ୍ୟାର୍ଥୀ ସବୁ ପ୍ରକାରର ଧାରଣାକୁ ବୁଝିପାରି ନଥାନ୍ତି । କାରଣ ସମସ୍ତଙ୍କର ବୋଧଗମ୍ୟସ୍ତର ଅଲଗା ହୋଇଥାଏ । ଅନ୍ୟ ଅର୍ଥରେ କହିଲେ ବୟସ ଦୃଷ୍ଟିରୁ ବା ଅନ୍ୟ ଯେ କୌଣସି ଦୃଷ୍ଟିରୁ ହେଉ ପିଲାମାନଙ୍କ ଭିତରେ ବ୍ୟକ୍ତିଗତ ପ୍ରଭେଦ ଦେଖା ଦେଇଥାଏ । ତେଣୁ ସମାନ ପରିସ୍ଥିତିରେ ମଧ୍ୟ ସମସ୍ତ ଶିକ୍ଷାର୍ଥୀ ସମାନ ପରିମାଣରେ ବୁଝିପାରନ୍ତି ନାହିଁ । ଯାହାକି ବିଦ୍ୟାଳୟ ଶିକ୍ଷଣରେ ଅଧିକ ପରିଲକ୍ଷିତ ହୁଏ ।

ପୁନଶ୍ଚ ଶାରୀରିକ ବିକାଶ ସହିତ ବ୍ୟକ୍ତିତ୍ୱର ବିକାଶ ଘଟିଥାଏ । ଶିଶୁଟିଏ ଧୀରେ ଧୀରେ ବଢିବା ସହିତ ତା' ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିମାନଙ୍କୁ ସଂସ୍ପର୍ଶରେ ଆସିଥାଏ । ଫଳରେ ତାର ସାମାଜିକ ବିକାଶ ଘଟିଥାଏ । ଏହି ପରିବେଶରେ ବଢିବା ସମୟରେ ତା ଚତୁଃପାର୍ଶ୍ୱର ପରିବେଶ ତାର ଆତ୍ମପ୍ରତ୍ୟୟ ବିକାଶ ଉପରେ ପ୍ରଭାବ ପକାଇଥାଏ । ଶିଶୁ ପ୍ରଥମେ ତା ପରିବାର ଓ ପଡୋଶୀଙ୍କ ସହ ମିଶିଥାଏ । ପରେ ସେ ଧୀରେ ଧୀରେ ବଢିବା ସହିତ ବିଦ୍ୟାଳୟ, ସାଙ୍ଗସାଥୀଙ୍କ ସଂସ୍ପର୍ଶରେ ଆସିଥାଏ । ଯେଉଁମାନେ କି ତା ବ୍ୟକ୍ତିତ୍ୱ ଗଠନ ଓ ବିକାଶକୁ ପ୍ରଭାବିତ କରିଥାନ୍ତି । ଏହି ଲୋକମାନଙ୍କ ମନୋବୃତ୍ତି ତଥା ଶିଶୁ ପ୍ରତି ଏମାନଙ୍କ ବ୍ୟବହାର ମଧ୍ୟ ଆତ୍ମ-ପ୍ରତ୍ୟୟ ଗଠନ ଉପରେ ପ୍ରଭାବ ପକାଇଥାଏ ।

ଏହି କ୍ଷେତ୍ରରେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏମାନେ ହିଁ ଶିଶୁଟିର ଆତ୍ମ-ପ୍ରତ୍ୟୟ ଗଠନର ଭିତ୍ତିଭୂମି ସ୍ଥାପନ କରିଥାନ୍ତି । ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ କମ୍ ପରିମାଣରେ ପରିବର୍ତ୍ତନ ହୋଇଥାଏ । ଅପରପକ୍ଷେ ସେମାନେ ପିଲାଟି ଉପରେ ଯେଉଁ ପ୍ରକାର ମନୋବୃତ୍ତି ପୋଷଣ କରିଥାନ୍ତି । ଯେପରିକି ସେ ସାହାଯ୍ୟକାରୀ, ଦୁଷ୍ଟ ଇତ୍ୟାଦି ତାହା ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟ ପର୍ଯ୍ୟନ୍ତ ଯାଇଥାଏ ଏବଂ ଏହି ପ୍ରକାର ଭାବନା ଖୁବ୍ କମ ପରିମାଣରେ ପରିବର୍ତ୍ତନ ହୋଇଥାଏ । କାରଣ ଶିକ୍ଷାର୍ଥୀର ପ୍ରାରମ୍ଭିକ ଶିକ୍ଷା ହିଁ ତା ମନରେ ଏକ ଦୃଢ ଭିତ୍ତିଭୂମି ସ୍ଥାପନ କରିଥାଏ । ତାହା ଗୃହ ପରିବେଶରେ ହେଉ ଅବା ପାରିବାରିକ ସ୍ଥିତିରୁ ହେଉ ବାଲ୍ୟକାଳରୁ ତାର ଆତ୍ମ-ପ୍ରତ୍ୟୟ ବିକାଶରେ ସାହାଯ୍ୟ କରିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପିତାମାତାଙ୍କ ମନୋବୃତ୍ତି । ଯେପରିକି ସେମାନେ ଶିଶୁର ଦକ୍ଷତା ଓ ଉପଲବ୍ଧି ଉପରେ କଣ ମତ ପୋଷଣ କରନ୍ତି ତଥା ଶିଶୁ ତା ବିଷୟରେ କଣ ଭାବେ ।

ଶିଶୁମାନଙ୍କୁ ତାଲିମ ଦେବା ନିମନ୍ତେ ବ୍ୟବହୃତ ପଦ୍ଧତି ମଧ୍ୟ ଶିଶୁର ଆତ୍ମ-ପ୍ରତ୍ୟୟ ଗଠନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ପୁନଶ୍ଚ କଡା ଶାସନ ଓ ଦଣ୍ଡ ସଂପୃକ୍ତ ଅଧିକାରୀଙ୍କ ପ୍ରତି ତିକ୍ତ ମନୋଭାବ ସୃଷ୍ଟି କରିଥାଏ । ଶିଶୁ ପ୍ରତି ପିଲାଙ୍କ ଉଚ୍ଚାଭିଳାଷ ଓ ଆକାଂକ୍ଷା ମଧ୍ୟ ଆତ୍ମ-ପ୍ରତ୍ୟୟ ଗଠନ ନିମନ୍ତେ ଦାୟୀ । କାରଣ ସେତେବେଳେ ପିତାମାତା ପିଲା ପ୍ରତି ଅଧିକ ଆଶା ପୋଷଣ କରିଥାନ୍ତି । ସେତେଭେଳେ ପିଲାଟି ଯଦି କାର୍ଯ୍ୟରେ ଅସଫଳ ହୁଏ । ସେ ନିଜକୁ ଅସୁରକ୍ଷିତ ଓ ହୀନ ମନେ କରେ । ସେ ଏହା ଅନୁଭବ କରେ ଯେ ସେ ଅଦରକାରୀ ତଥା କୌଣସି କାର୍ଯ୍ୟକୁ ନୁହେଁ ।

ଅନ୍ୟପକ୍ଷରେ ପରିବାରରେ ସାଧାରଣ ଭାବନା ପୋଷଣ ମଧ୍ୟ ଶିକ୍ଷାର୍ଥୀ/ଶିଶୁର ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ସେମାନେ ପରିବାରରେ ପ୍ରଥମେ ଜନ୍ମଗ୍ରହଣ କରିଛନ୍ତି ନା ପରେ ଅର୍ଥାତ୍ ସେ ପିତାମାତାଙ୍କ କେତେତମ ସନ୍ତାନ, ତାହା ମଧ୍ୟ ତାର ଆତ୍ମ-ପ୍ରତ୍ୟୟ ଗଠନକୁ ପ୍ରଭାବିତ କରେ । ଏହା ପ୍ରମାଣିତ ଯେ ଶିଶୁମାନଙ୍କୁ ଦିଆଯାଉଥିବା ତାଲିମ ପଦ୍ଧତିଗୁଡିକ ତାଙ୍କର କ୍ରମ ଅନୁସାରେ ଭିନ୍ନ ହୋଇଥାଏ ।  ପୁନଶ୍ଚ ଭାଇଭଉଣୀଙ୍କ ଭିତରେ ସଫଳତ ଓ ବିଫଳତା ନିମନ୍ତେ ପ୍ରତିଯୋଗିତା ହୋଇଥାଏ । ଆଦ୍ୟ ଶୈଶବ ସମୟରେ ପିଲାମାନେ ଧର୍ମ ଇତ୍ୟାଦି ପ୍ରତି ସଚେତନା ନ ଥାନ୍ତି । କିନ୍ତୁ ସେମାନେ ଧୀରେ ଧୀରେ ବଢିବା ସହିତ ଅଧିକ ଲୋକଙ୍କ ସଂସ୍ପର୍ଶରେ ଆସନ୍ତି ଓ ଏହି ଭାବନା ତାଙ୍କ ମନରେ ଜାଗ୍ରତ ହୁଏ । ଦୁଇଟି ମଣିଷ ଭିତରେ କ୍ରିୟାପ୍ରତିକ୍ରିୟା ମଧ୍ୟ ସେମାନଙ୍କ ଅଭିଜ୍ଞତା ଓ ପୃଷ୍ଠଭୂମି ଉପରେ ନିର୍ଭର କରିଥାଏ । ଏହା ଉତ୍ତମ ହେଲେ ସକାରାତ୍ମକ ଆତ୍ମ-ପ୍ରତ୍ୟୟ ଗଠନରେ ସାହାଯ୍ୟ କରେ । କିନ୍ତୁ ସାଙ୍ଗସାଥୀ ଯେତେବେଳେ ତାକୁ ଅବହେଳା କରନ୍ତି ତା ମନରେ ନକାରାତ୍ମକ ଆତ୍ମ-ପ୍ରତ୍ୟୟ ଗଠନ ହୁଏ । ତେଣୁ ଶିଶୁ ତା ନିଜ ଗୋଷ୍ଠୀ /ଲୋକଙ୍କ ସହ ନିଜକୁ ସୁରକ୍ଷିତ ମନେ କରେ । ତେଣୁ ଶିକ୍ଷକ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ, ଯେପରି ଶିଶୁ ମନରେ ଏପରି ଭାବନା କେବେ ହେଲେ ଜାଗ୍ରତ ନ ହୁଏ ।

ଯେତେବେଳେ ଶିଶୁ ବଢି ବଡ଼ ହୁଏ । ତା ମନରେ ଲିଙ୍ଗଗତ ଭାବନା ଜାତ ହୁଏ । ସେତେବେଳେ ଝିଅମାନେ ଝିଅଙ୍କ ପରି ଓ ପୁଅମାନେ ପୁଅଙ୍କ ପରି ବ୍ୟବହାର ପ୍ରଦର୍ଶନ କରିଥାନ୍ତି । କିନ୍ତୁ ଯେତେବେଳେ ସେମାନେ ଏପରି କରନ୍ତି ନାହିଁ, ତାଙ୍କର ପ୍ରତିକୂଳ ମନୋଭାବ ସୃଷ୍ଟି ହୁଏ । ବିଶେଷ କରି ବାଳିକାମାନଙ୍କ କ୍ଷେତ୍ରରେ ଏହା ଦେଖାଯାଏ ।

ପୁନଶ୍ଚ ପାରିବେଶିକ ଅସୁରକ୍ଷିତତା ଯେପରିକି ମୃତ୍ୟୁ, ବିଚ୍ଛେଦ ତଥା ସାମାଜିକ ଚଳଣି ଇତ୍ୟାଦି ଆତ୍ମପ୍ରତ୍ୟୟକୁ ବହୁ ମାତ୍ରାରେ ପ୍ରଭାବିତ କରିଥାଏ । କାରଣ ଏସବୁ କାରଣରୁ ସେମାନେ ସାଙ୍ଗସାଥୀମାନଙ୍କଠାରୁ ନିଜକୁ ଭିନ୍ନ ମନେ କରନ୍ତି ।

ପିତାମାତାଙ୍କର ଉତ୍ତମ ଓ ନିମ୍ନମାନର ଚଳଣି ମଧ୍ୟ ଶିକ୍ଷାର୍ଥୀର ଆତ୍ମପ୍ରତ୍ୟୟଗତ ବିକାଶକୁ ପ୍ରଭାବିତ କରେ । ତେଣୁ ବର୍ଦ୍ଧିଷ୍ଣୁ ଶିଶୁମାନଙ୍କ ନିମନ୍ତେ ଏକ ଉତ୍ତମ ଓ ସୁରକ୍ଷିତ ପରିବେଶର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପିଲାଟିର ଅନୁକୂଳ ଓ ପ୍ରତିକୂଳ ଆତ୍ମପ୍ରତ୍ୟୟର ବିକାଶ ତା'ର ଶୈଶବାବସ୍ଥାର ଜୀବନଶୈଳୀ ଉପରେ ନିର୍ଭର କରେ । ଯେତେବେଳେ ଶିଶୁର ପିତାମାତା ତା'ପ୍ରତି ଅବାସ୍ତବ ଅଭିଳାଷ ପୋଷଣ କରନ୍ତି, ସେତେବେଳେ ସେ ଅନ୍ୟ କାହା ସହ ମିଶି ନ ପାରି ଆତ୍ମବନ୍ଦୀ ହୋଇ ରହିଯାଏ/ଯେତେବେଳେ ସମସ୍ତଙ୍କର ମନୋଭାବ

ତା'ପ୍ରତି ପ୍ରତିକୂଳ ହୋଇଯାଏ, ସେତେବେଳେ ତା ମନରେ ପ୍ରତିକୂଳ ଧାରଣା/ପ୍ରତ୍ୟୟ ସୃଷ୍ଟି ହୋଇଥାଏ । ପିତାମାତାମାନେ ଏହା ଭାବନ୍ତି ଯେ ପିଲାଟି ବଡ ହୋଇଯିବା ପରେ ତା'ର ଉତ୍ତମ ଆତ୍ମପ୍ରତ୍ୟୟ ସୃଷ୍ଟି ହୁଏ, କିନ୍ତୁ ଏହା ଘଟି ନଥାଏ । କାରଣ ଯାହା ବି ହୋଇଥାଉ ନା କାହିଁକି ପ୍ରତିକୂଳ ଆତ୍ମପ୍ରତ୍ୟୟ ପିଲାଦିନେ ସୃଷ୍ଟି ହୋଇଥାଏ । ଏଣୁ ଉତ୍ତମ ଓ ସକାରାତ୍ମକ ଆତ୍ମପ୍ରତ୍ୟୟର ବିକାଶ ନିମନ୍ତେ ଶିଶୁର ଶୈଶବାବସ୍ଥା ଆନନ୍ଦଦାୟକ ହେବା ଆବଶ୍ୟକ । ଯେହେତୁ ପିଲାଟି ଶୈଶବାବସ୍ଥାରେ ଅଧିକ ସମୟ ଘରେ କଟାଇଥାଏ, ତାର ଖୁସି ନିମନ୍ତେ ପରିବାର ସଦସ୍ୟମାନେ ଯତ୍ନଶୀଳ ହେବା ଆବଶ୍ୟକ ।

## ୫.୨.୨ ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରୁଥିବା କାରକ

ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକ ରହିଛି । ସେଗୁଡିକ ହେଲା-

୧. **ଶାରିରୀକ ସ୍ଥିତି:** ଉତ୍ତମ ସ୍ୱାସ୍ଥ୍ୟ ହିଁ ଉତ୍ତମ ଶାରୀରିକ ବୃଦ୍ଧିରେ ସହାୟକ ହୋଇଥାଏ । ପୁନଶ୍ଚ ଦୁର୍ବଳ ଶରୀର ତଥା ଶାରୀରିକ ଅକ୍ଷମତା ଯୋଗୁଁ ପିଲାଟି ନିଜ ସମବୟସ୍କମାନଙ୍କ ସହ ମିଶିପାରି ନଥାଏ । ଏହି ଦୁର୍ବଳତା ଓ ଅସହାୟତା ଯୋଗୁ ସେ ନିଜକୁ ନ୍ୟୁନ ମନେ କରେ ।

୨. **ଶରୀର ଗଠନ:** ଯେତବେଳେ ପିଲାଟି ତା ବୟସ ଅନୁସାରେ ବଢିପାରି ନଥାନ୍ତି, ସେ ତାର ସମବୟସ୍କଙ୍କ ସହ ତାଳ ଦେଇ ଚାଲିପାରି ନଥାଏ । ଅପରପକ୍ଷେ ଯେଉଁମାନଙ୍କ ଶରୀରିକ ବୃଦ୍ଧି ଅତ୍ୟଧିକ ହୋଇଥାଏ, ସେମାନେ ମଧ୍ୟ ଅନ୍ୟ ସହ ମିଶିପାରି ନଥାନ୍ତି ଓ ନିଜକୁ ନ୍ୟୁନ ମନେ କରନ୍ତି ।

୩. **ନାମ ଓ ଡାକନାମ:** ଡାକନାମ ସର୍ବଦା କୌତୁକିଆ ହୋଇଥାଏ । କିନ୍ତୁ ଯେଉଁମାନଙ୍କ ଡାକନାମ ସେମାନଙ୍କ ଶାରୀରିକ ଗଠନ ଅନୁସାରେ ହୋଇଥାଏ, ସେମାନେ ନିଜକୁ ନ୍ୟୁନ ମନେ କରନ୍ତି ।

୪. **ବିଦ୍ୟାଳୟ ପରିବେଶ:** ବହୁ କ୍ଷେତ୍ରରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥାଏ । କିନ୍ତୁ ଯେତେବେଳେ ଶିକ୍ଷକ ପିଲାମାନଙ୍କୁ ଶୃଙ୍ଖଳିତ କରିବାକୁ ଚେଷ୍ଟା କରନ୍ତି, ପିଲାମାନେ ଏହାକୁ ନିଜ ପ୍ରତି ଅନ୍ୟାୟ ବୋଲି ଭାବନ୍ତି ଏବଂ ଶିକ୍ଷକଙ୍କ ପ୍ରତି ଅସମ୍ମାନ ମନୋବୃତ୍ତି ପୋଷଣ କରନ୍ତି ।

୫. **ସାମାଜିକ ସ୍ୱୀକୃତି:** ପିଲାମାନେ ତାଙ୍କ ସାଙ୍ଗସାଥୀଙ୍କ ଦ୍ୱାରା ଗ୍ରହଣୀୟ ହେବା ଦ୍ୱାରା ଓ ନ ହେବା ଦ୍ୱାରା ତାଙ୍କ ଆତ୍ମପ୍ରତ୍ୟୟ ପ୍ରଭାବିତ ହୋଇଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଅଧିକ ବା କମ୍ ଲୋକପ୍ରିୟ ହୋଇଥାନ୍ତି, ସେମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଥାନ୍ତି, କିନ୍ତୁ ମଧ୍ୟମ ଶ୍ରେଣୀର ଲୋକପ୍ରିୟତା ହାସଲ କରିଥିବା ପିଲାମାନେ ଏଥିରେ ପ୍ରଭାବିତ ହୋଇ ନଥାନ୍ତି ।

୬. **ସଫଳତା ବା ବିଫଳତା:** ଶିଶୁମାନଙ୍କ ବୟସନୁସାରେ ସେମାନଙ୍କଠାରୁ କିଛି କାର୍ଯ୍ୟ ଆଶା କରାଯାଇଥାଏ । ଏ କ୍ଷେତ୍ରରେ କିଛି ପିଲା ସଫଳତା ହାସଲ କରୁଥିବା ବେଳେ କିଛି ବିଫଳ ହୋଇଥାନ୍ତି । କିନ୍ତୁ ବାରମ୍ବାର ସଫଳତା ବା ବିଫଳତା ସେମାନଙ୍କ ଆତ୍ମପ୍ରତ୍ୟକୁ ପ୍ରଭାବିତ କରିଥାଏ । ସଫଳତା ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ଓ ଆତ୍ମପ୍ରତ୍ୟୟ ଉପରେ ଭଲ ପ୍ରଭାବ ପକାଉଥିବା ବେଳେ ବିଫଳତା ଖରାପ ପ୍ରଭାବ ପକାଇଥାଏ ।

୮. **ଲିଙ୍ଗ:** ଆମ ଦେଶରେ ଝିଅମାନଙ୍କୁ ହୀନଦୃଷ୍ଟିରେ ଦେଖାଯାଇଥାଏ ଏବଂ ତାଙ୍କୁ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ କରିବା ପାଇଂ ବାଧ୍ୟ କରାଯାଏ । ଯାହା ଫଳରେ ତାଙ୍କ ସ୍ୱ-ମୂଲ୍ୟାୟନ କମି ଯାଇଥାଏ । ଏଣୁ ଶିକ୍ଷକଙ୍କ ଦାୟିତ୍ୱ ହେଉଛି ସେ ଶିର୍କ୍ଷାଥୀମାନଙ୍କୁ ବୁଝାଇବେ ଯେ ପୁଅ ଓ ଝିଅ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ ଏବଂ ଉଭୟ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କ୍ଷେତ୍ରରେ ପାରଙ୍ଗମ ।

୯. **ଧୀ-ଶକ୍ତି:** ଯଦି ଶିଶୁମାନଙ୍କର ଧ ଶକ୍ତି ସାଧାରଣସ୍ତରଠାତୁ ଅଧିକ ବା କମ ନଥାଏ, ତେବେ ତାହା ତା ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ଯେତେବେଳେ ଶିଶୁମାନେ ଅନୁଭବ କରନ୍ତି ଯେ ସେମାନେ ସାଧାରଣସ୍ତରଠାରୁ କମ୍, ତାଙ୍କ ମନରେ ହୀନମନ୍ୟତା ସୃଷ୍ଟି ହୁଏ । ଏହି କାରଣରୁ ମଧ୍ୟ ସେମାନେ ଲାଜକୁଳିଆ ହୋଇଥାନ୍ତି । ପୁନଶ୍ଚ ସେମାନେ କ୍ଷୁବ୍ଧ ହେବାର ସମ୍ଭାବନା ମଧ୍ୟ ଅଧିକ ।

୧୦. **ଅନ୍ୟାନ୍ୟ କାରକ:** ପରିବାର ସହ ସମ୍ପର୍କ, ସାଧାରଣ ସ୍ଥାନ, ଶିଶୁ ତାଲିମ ନିମନ୍ତେ ବ୍ୟବହୃତ ପଦ୍ଧତି, ପରିବେଶର ଚଳଣି, କେଉଁ ପ୍ରକାର ଗୋଷ୍ଠୀରୁ ଆସିଛନ୍ତି ଇତ୍ୟାଦି ମଧ୍ୟ ଆତ୍ମପ୍ରତ୍ୟୟ ଗଠନରେ ପ୍ରଭାବ ପକାନ୍ତି ।

ଜଣେ ଶିକ୍ଷକ ଏହିସବୁ କାରକଗୁଡିକୁ ବୁଝି ଶିକ୍ଷାର୍ଥୀମାନଙ୍କ ଆତ୍ମପ୍ରତ୍ୟୟର ବିକାଶ ନିମନ୍ତେ ସହାୟତା ଦେବା ଆବଶ୍ୟକ । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସେ ପିଲାମାନଙ୍କୁ ହାତ ସଫା ରଖିବା, ମୁଣ୍ଡ କୁଣ୍ଡାଇବା, ଦାନ୍ତ ଘଷିବା, ଉତ୍ତମ ଖାଦ୍ୟ ଗ୍ରହଣ କରିବା ଇତ୍ୟାଦି ଉପରେ ଦୃଷ୍ଟି ରଖିବା ସହ ଶିଶୁଙ୍କ ଖାଦ୍ୟାଭାସକୁ ତଦାରଖ କରିବେ । ସେ ଡାକନାମରେ ସମ୍ବୋଧନ ନ କରିବା ତଥା ସବୁ ପିଲା ମିଳିମିଶି ଚଳିବା ଇତ୍ୟାଦି ଉପରେ ଗୁରୁତ୍ୱ ଦେବେ । ପୁନଶ୍ଚ ଶିକ୍ଷକ ଶିକ୍ଷାର୍ଥୀଙ୍କ ବିଫଳତାର କାରଣ ଖୋଜି ପରିବେଶ ଉପଯୋଗୀ ଶିକ୍ଷଣ ଯୋଗାଇ ଦେବେ ତଥା ଶିକ୍ଷାର୍ଥୀଙ୍କ ସହ ଉତ୍ତମ ବୁଝାମଣା ସୃଷ୍ଟି ତଥା ତାଙ୍କୁ ସ୍ନେହ କରିବେ । ସେ ପୁଅ, ଝିଅ ତଥା ଧୀ-ସମ୍ପନ୍ନ ଓ ନିମ୍ନ ଧୀ-ସମ୍ପନ୍ନ ମଧ୍ୟରେ ବିଭେଦତା ନ ରଖି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବେ ।

**ନିଜ ଅଗ୍ରଗତି ଆକଳନ ୧**

୧. ଆତ୍ମ ପ୍ରତ୍ୟୟ କିପରି ଗଠିତ ହୁଏ ବର୍ଣ୍ଣନା କର ।

୨. ଆତ୍ମ ପ୍ରତ୍ୟୟକୁ ପ୍ରଭାବିତ କରୁଥିବା କାରକଗୁଡିକ କଣ ? ଶିକ୍ଷାର୍ଥୀମାନଙ୍କର ଆତ୍ମପ୍ରତ୍ୟୟ ବିକାଶ ନିମନ୍ତେ ଶିକ୍ଷକ କିପରି ସହାୟତା କରିବେ ?

## ୫.୩ ଶିକ୍ଷାର୍ଥୀମାନଙ୍କର ମୂଲ୍ୟବୋଧର ବିକାଶ

୧୮୮୦ ମସିହାରେ ଜଣେ ଜର୍ମାନ ଦାର୍ଶନିକ ଫ୍ରେଡରିକ୍ ନିଟ୍‌ଚି (Friedrick Nietzsche) ମୂଲ୍ୟବୋଧ ଶବ୍ଦର ବ୍ୟବହାର କରିଥିଲେ । ଯାହାକି ବ୍ୟକ୍ତିଗତ ଓ ବିଷୟଭିତ୍ତିକ ନୈତିକ ଧାରଣା ଓ ମନୋବୃତ୍ତିକୁ ବୁଝାଏ । ପ୍ରତ୍ୟେକ ସମାଜର କିଛି ଉତ୍ତମ ମୂଲ୍ୟବୋଧ ରହିଛି, ଯାହାକି ସେହି ସମାଜର ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ । ମୂଲ୍ୟବୋଧ ହେଉଛି ତାହା, ଯାହାକୁ ଲୋକମାନେ ତାଙ୍କ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ବୋଲି ବିବେଚନା କରନ୍ତି । ସମାଜ ସମାଜ ମଧ୍ୟରେ ମୂଲ୍ୟବୋଧର ଭିନ୍ନତା ପରିଲକ୍ଷିତ ହୁଏ । ଏଗୁଡିକ ଭୁଲ୍ ଓ ଠିକ୍‌ରୁ ଗଠିତ ହୋଇଛି । ବିଭିନ୍ନ ପ୍ରକାରର ମୂଲ୍ୟବୋଧ ରହିଛି । ସେଗୁଡିକ ହେଲା-

- ବ୍ୟକ୍ତିକ ମୂଲ୍ୟବୋଧ
- ସାମାଜିକ ମୂଲ୍ୟବୋଧ
- ଆଧ୍ୟାତ୍ମିକ ମୂଲ୍ୟବୋଧ
- ସାଂସ୍କୃତିକ ମୂଲ୍ୟବୋଧ
- ବ୍ୟାପକ/ ବିଶ୍ୱବ୍ୟାପୀ ମୂଲ୍ୟବୋଧ

ଶିଶୁଟିଏ ଜନ୍ମ ସମୟରେ ନୈତିକ ବା ଅନୈତିକ ହୋଇ ନଥାଏ । ଅନ୍ୟ ଅର୍ଥରେ ତାର କୌଣସି ପ୍ରକାରର ନୈତିକତା ନଥାଏ । ସେମାନେ ଧୀରେ ଧୀରେ ବଢିବା ସହିତ ତାଙ୍କର ପିତାମାତା, ଶିକ୍ଷକ, ସାଙ୍ଗସାଥୀ ଓ ସମାଜ ଅନୁସାରେ ପରିଚାଳିତ ହୁଅନ୍ତି । ଶୈଶବାବସ୍ଥାରୁ ହିଁ ନୈତିକତାର ଭିତ୍ତିଭୂମି ସ୍ଥାପିତ ହୋଇଥାଏ ଏବଂ ବୟସ ବଢିବା ସହିତ ଏହା ତାର ଆଚରଣରେ ପରିବର୍ତ୍ତନ ଆଣିଥାଏ । କେହି ମଧ୍ୟ ଶିଶୁମାନଙ୍କଠାରୁ ନୈତିକ ମୂଲ୍ୟବୋଧ ଆଶା କରି ନଥାନ୍ତି । କିନ୍ତୁ ଏଠାରେ ପ୍ରମୁଖ ସମସ୍ୟା ଏହା ଯେ, ପିଲାମାନେ ଭାବନ୍ତି କିଛି ବିରକ୍ତିକର କାର୍ଯ୍ୟ କରିବା ସମୟରେ ଅନ୍ୟମାନଙ୍କର ଦୃଷ୍ଟି ରାଙ୍କ ପ୍ରତି ଆକର୍ଷିଣ ହୁଏ ।

ଆଦ୍ୟବାଲ୍ୟାବସ୍ଥାରେ ନୈତିକ ବିକାଶ ଖୁବ୍ କମ୍ ହୋଇଥାଏ ବା ଆଦୌ ହୋଇ ନଥାଏ । କାରଣ ଏହି ସମୟରେ ଶିଶୁମାନେ ଭୁଲ୍ ଠିକ୍‌ର ଧାରଣା ପାଇ ନଥାନ୍ତି ଏବଂ ତାଙ୍କର ବୌଦ୍ଧିକ ବିକାଶ ହୋଇ ନଥାଏ । ସେମାନେ ଧୀରେ ଧୀରେ କିଛି ନିର୍ଦ୍ଦିଷ୍ଟ ଘଟଣାରୁ ଶିଖିଥାନ୍ତି । କିନ୍ତୁ ସେତେବେଳେ ସେମାନେ ଭୁଲ୍‌ଠିକ୍‌ର ବିଚାର ନ କରି ତାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିଥାନ୍ତି । ଏହି ପର୍ଯ୍ୟାୟରେ ପିଲାମାନେ ଜାଣିଥାନ୍ତି ଯେ ଭଲ କାମ ପାଇଁ ପୁରସ୍କାର ବା ପ୍ରଶଂସା ମିଳିଥାଏ ଏବଂ ଖରାପ କାମ ପାଇଁ ଦଣ୍ଡ । ତେଣୁ ଏହି ପର୍ଯ୍ୟାୟରେ ଦଣ୍ଡ ଓ ପୁରସ୍କାର ଶିଶୁର ମୂଲ୍ୟବୋଧ ଶିକ୍ଷାରେ ଉନ୍ନତି କରିଥାଏ ।

ବେଳେ ବେଳେ ମଧ୍ୟ ସମାନ କାର୍ଯ୍ୟ ପାଇଁ ଅଲଗା ଅଲଗା ମନ୍ତବ୍ୟ ଦିଅନ୍ତି । ଉଦାହରଣସ୍ୱରୂପ ଯଦି ଭାଇ ତା ଭଉଣୀକୁ ବାଡେଇଥାଏ ତେବେ ମାଆ ତାକୁ ଗାଳି ଦିଅନ୍ତି । ତେବେ ସେ ବୁଝେ ଏହି କାର୍ଯ୍ୟଟି ଭୁଲ୍ । ପୁନଶ୍ଚ ବାପା ଯଦି ହସି ଦିଅନ୍ତି, ତେବେ ସେ ଭାବେ ଏହି କାମଟି କୌତୁକ ସୃଷ୍ଟି କରୁଛି । ଏହି ପରିସ୍ଥିତିରେ ପିଲାଟି ଦ୍ୱନ୍ଦ୍ୱରେ ପଡିଯାଏ ଏବଂ ବାପାଙ୍କ ସାମ୍ନାରେ ତାଙ୍କୁ ବାଡାଏ ଓ ମାଆଙ୍କ ସାମ୍ନାରେ ଚୁପ୍ ରହେ ।

୫-୧୨ ବର୍ଷ ବୟସର ପିଲାମାନେ ବାପାମାଆଙ୍କ ଠିକ୍ ଭୁଲର ଅବଧାରଣା ଭିତରେ ରହିଥାନ୍ତି । ଫଳରେ ସେମାନେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ନୈତିକତାର ଉଲଙ୍ଘନ କରିଥାନ୍ତି । ପିଲାମାନେ ଧୀରେ ଧୀରେ ବଢିବା ସହିତ ଏକ ପର୍ଯ୍ୟାୟରୁ ଆଉ ଏକ ପର୍ଯ୍ୟାୟକୁ ସ୍ଥାନାନ୍ତରଣ ହୋଇଥାନ୍ତି । ଯାହା ଫଳରେ ସେମାନେ ବୟସାନୁଯାୟୀ ଚିହ୍ନିତ ହୁଅନ୍ତି । କୈଶରାବସ୍ଥା ଶେଷ ହେବା ପର୍ଯ୍ୟନ୍ତ ସେମାନେ ଦଳକୁ ପ୍ରାଧାନ୍ୟ ଦିଅନ୍ତି ଏବଂ ଦଳଗତ କାର୍ଯ୍ୟ କରିବାକୁ ଭଲ ପାଆନ୍ତି ।

## ୫.୩.୧- ମୂଲ୍ୟବୋଧର ବିକାଶରେ ଶୃଙ୍ଖଳାର ଭୂମିକା

ବୟସାନୁଯାୟୀ ଆଶା କରାଯାଉଥିବା ବ୍ୟବହାର ପ୍ରଦର୍ଶନରେ ଶୃଙ୍ଖଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶୈଶବାସ୍ଥାରେ ଶିଶୁମାନେ ଘରେ କିମ୍ବା ପଡୋଶୀରେ ନିର୍ଦ୍ଦିଷ୍ଟ ପରିସ୍ଥିତି ଅନୁସାରେ ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ପ୍ରଦର୍ଶନ କରିଥାନ୍ତି । ଯେତବେଳେ କଠୋର ଶୃଙ୍ଖଳା ନୀତି ଅନୁସରଣ କରାଯାଏ, ଯେଉଁଥିରେ କି ଦଣ୍ଡବିଧାନ ଅନ୍ତର୍ଭୁକ୍ତ । ସେତେବେଳେ ପିଲାମାନେ ବାଧ୍ୟ ହୋଇ ଭଲ ବ୍ୟବହାର ପ୍ରଦର୍ଶନ କରନ୍ତି । କାରଣ ସେମାନେ ଜାଣିଥାନ୍ତି ଖରାପ ଆଚରଣ ପାଇଁ ଦଣ୍ଡ ଏବଂ ଭଲ ଆଚରଣ ପାଇଁ ପୁରସ୍କାର ବା ପ୍ରଶଂସା ମିଳିଥାଏ । ତେଣୁ ଶୈଶବାବସ୍ଥାରୁହିଁ ଉପଯୁକ୍ତ ଆଚରଣ ଓ ନୈତିକ ମୂଲ୍ୟବୋଧ ସୃଷ୍ଟି ହୋଇଥାଏ ।

ଅନୁଶାସନ ହେଉଛି ସମାଜର ଏକ ପନ୍ଥା, ଯାହା ଦ୍ୱାରା ସେ ଶିଶୁକୁ ସମାଜ ଦ୍ୱାରା ସ୍ୱୀକୃତ ଜଣାଇବା ବ୍ୟବହାର ଶିଖାଇଥାଏ । ଏହାର ଲକ୍ଷ୍ୟ ହେଉଛି କଣ ଠିକ୍ ଓ କଣ ଭୁଲ୍ ଶିଶୁକୁ ଜଣାଇବା ଏବଂ ଏହି ମାନଦଣ୍ଡ/ମାନ ଆଦର୍ଶ ସହ ମେଳ ଖୁଆଇ ବ୍ୟବାହର ପ୍ରଦର୍ଶନ କରିବାକୁ ପ୍ରେରଣା ଦେବା । ପ୍ରାରମ୍ଭିକ ଶୈଶବାବସ୍ଥାରେ ଜାଣତରେ କରିଥିବା ଭୁଲ୍‌ଗୁଡିକର ଦଣ୍ଡ ଦେବା ଉପରେ ଗୁରୁତ୍ୱରୋପ କରାଯାଏ । ମାତ୍ର ସେମାନେ ଜାଣି ଜାଣି ଉଦ୍ଦେଶ୍ୟପୂର୍ଣ୍ଣ ଭାବରେ ଏଥିରେ ଭୁଲ୍ କରିଥାନ୍ତି । ତରୁଣ ପିଲାମାନଙ୍କୁ ସମାଜ ସ୍ୱୀକୃତ, ରୀତିନୀତି ବା ଢଙ୍ଗରେ ବ୍ୟବହାର ଶିଖିବା ପାଇଁ ପ୍ରେରଣା ଦେବା ନିମନ୍ତେ ସେମାନଙ୍କୁ ବିଭିନ୍ନ ପୁରସ୍କାର ଦିଆଯାଇଥାଏ ଯଦ୍ୱାରାକି ପ୍ରେରଣା ଦୃଢ ହୋଇଥାଏ । ଏଥିପାଇଁ ତିନି ପ୍ରକାରର ଅନୁଶାସନ ବ୍ୟବହୃତ ହୋଇଥାଏ । ସେଗୁଡିକ ହେଲା-

➢**ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତ ଅନୁଶାସନ:** ଶିଶୁକୁ ନୀତି ନିୟମ ଦ୍ୱାରା ଚାପଗ୍ରସ୍ତ କରିବା ଦ୍ୱାରା ସେ ନଷ୍ଟ ହୋଇଥାଏ । ଏହି ପ୍ରକାର ଅନୁଶାସନ ଏହି ନୀତିକୁ ଅନୁସରଣ କରିଥାଏ । ଏଠାରେ ଅଭିଭାବକ, ଶିକ୍ଷକ, ତତ୍ତ୍ୱାବଧାରକମାନେ ନିଜେ କିଛି ନିୟମ ତିଆରି କରନ୍ତି ଏବଂ ପିଲାମାନେ ଏହି ନିୟମ କଡାକଡି ଭାବେ ପାଳନ କରିବେ ବୋଲି ଆଶା ରଖନ୍ତି । ଏହି ନିୟମଗୁଡିକ କାହିଁକି ତିଆରି ହୋଇଛି ଓ ପିଲାଟି କାହିଁକି ଏହି ନିୟମ ମାନିବ, ଏହା ବୁଝାଇବା ପାଇଁ ସେମାନେ କେବେ ବି ଚେଷ୍ଟା କରି ନଥାନ୍ତି, ଯଦି ପିଲାଟିଏ କୌଣସି ନିୟମ ଅନୁସରଣ କରିବାରେ ବିଫଳ ହୁଏ, ତେବେ ତାକୁ ଦଣ୍ଡ ଦିଆଯାଇଥାଏ ।

➢**ଉଦାର ଅନୁଶାସନ:** ଏହି ପ୍ରକାର ଅନୁଶାସନ ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତ ଅନୁଶାସନ ଯାହାକି ଅନେକ ପିଲା ଅନୁସରଣ କରିବାକୁ ବାଧ୍ୟ ହେବାକୁ ବିରୋଧ କରି ସୃଷ୍ଟି ହୋଇଥିଲା । ଏଠାରେ କୁହାଯାଇଛି ଯେ ପିଲାମାନେ କରୁଥିବା କାମର ଫଳାଫଳରୁ ସମାଜ ସ୍ୱୀକୃତ ବ୍ୟବହାରଗୁଡିକୁ ଶିଖନ୍ତି । ଫଳସ୍ୱରୂପ ପିଲାମାନଙ୍କୁ ନିୟମଗୁଡିକ ଶିଖାଯାଏ ନାହିଁ, ନିୟମ ଭାଙ୍ଗିବା ଦ୍ୱାରା ତାଙ୍କୁ ଦଣ୍ଡ ଦିଆଯାଏ ନାହିଁ କି ସମାଜ ସ୍ୱୀକୃତି ପନ୍ଥାରେ ବ୍ୟବହାର କରିବା ଦ୍ୱାରା ସେମାନଙ୍କୁ ପୁରସ୍କାର ଦିଆଯାଏ ନାହିଁ ।

➢**ଗଣତାନ୍ତ୍ରିକ ଅନୁଶାସନ:** ଏହା ପ୍ରାଥମିକ ଭାବରେ ପିଲାର ଅଧିକାର ଉପରେ ଗୁରୁତ୍ୱ ଦେଇଥାଏ । ଯେଉଁ ଅଧିକାର ଫଳରେ ପିଲାଟି ଗୋଟିଏ ନିୟମ କାହିଁକି ତିଆରି ହେଲା ଜାଣିଥାଏ ଏବଂ ଏହା ତାକୁ ମଧ୍ୟ ନିଜ ମତ ଉପସ୍ଥାପନ କରିବାର ସୁଯୋଗ ଦେଇଥାଏ । ପିଲାମାନେ ବୁଝନ୍ତି ଏବଂ ତାକୁ ପାଳନ କରନ୍ତି । ଏହି ପ୍ରକାର

ଅନୁଶାସନରେ ଅପରାଧକୁ କେନ୍ଦ୍ର କରି ଦଣ୍ଡଗୁଡ଼ିକ ମଧ୍ୟ ତିଆରି କରାଯାଏ ଓ କୁକାର୍ଯ୍ୟ ସହ ସମ୍ପର୍କୀତ ଦଣ୍ଡଗୁଡିକ ଦିଆଯାଇଥାଏ । ସେହିପରି ଭାବେ ଭଲ କାର୍ଯ୍ୟ ନିମିତ୍ତ ପ୍ରଶଂସା ଓ ସାମାଜିକ ମାନ୍ୟତା ଭାବରେ ପୁରସ୍କାର/ସମ୍ମାନ ମଧ୍ୟ ଦିଆଯାଏ ।

ବୈଜ୍ଞାନିକ ମତରେ ଏହା ପ୍ରମାଣିତ ହୋଇଛି ଯେ ଭିନ୍ନ ଭିନ୍ନ ପ୍ରକାରର ଅନୁଶାସନ ପଦ୍ଧତି ପିଲାଙ୍କ ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ । ଏହା ଫଳରେ ସେମାନଙ୍କ ବ୍ୟବହାର ମନୋବୃତ୍ତି ଓ ବ୍ୟକ୍ତିତ୍ୱର ପରିବର୍ତ୍ତନ ମଧ୍ୟ ଦେଖାଯାଏ ।

## ୫.୪-ପିଲାଙ୍କ ମନୋବୃତ୍ତିର ବିକାଶ

### ୫.୪.୧: ମନୋବୃତ୍ତିର ଅର୍ଥ

ପ୍ରାୟ ପ୍ରତ୍ୟେକଙ୍କ ଜୀବନରେ ମନୋବୃତ୍ତି ଯଥେଷ୍ଟ ପରିବର୍ତ୍ତନ ସୃଷ୍ଟି କରିଥାଏ । କୌଣସି କାର୍ଯ୍ୟରେ ଆମର ସଫଳତା ବା ବିଫଳତା ସେହି କାର୍ଯ୍ୟ କରିବା ପ୍ରତି ଆମର ମନୋବୃତ୍ତି ଉପରେ ନିର୍ଭର କରିଥାଏ । ମନୋବୃତ୍ତି କୌଣସି ବ୍ୟକ୍ତିର ଅନ୍ୟ କୌଣସି ବ୍ୟକ୍ତି ବିଶେଷ, ଗୋଷ୍ଠୀ ବା ପ୍ରତିଷ୍ଠାନ ପ୍ରତି ସମ ଯୋଜନାକୁ ସୂଚାଇଥାଏ । ମନୋବୃତ୍ତିକୁ ଦେଖି ହୁଏ ନାହିଁ । ଏହା କେବଳ ବ୍ୟକ୍ତିର ବ୍ୟବହାରରୁ ଅନୁମାନ କରିହୁଏ ।

### ୫.୪.୨- ମନୋବୃତ୍ତିର ଉପାଦାନ

ମନୋବୃତ୍ତିର ଉପାଦାନଗୁଡିକ ବ୍ୟବହାରରେ ପ୍ରତିଫଳିତ ହୁଏ । ବ୍ୟବହାରର ୩ଟି ଉପାଦାନ ରହିଛି । ଯଥା:

୧. **ବୋଧଶକ୍ତି ସଂକ୍ରାନ୍ତ:** ଏହା ଜ୍ଞାନ ଓ ଧାରଣାକୁ ନେଇ ଗଠିତ ହୋଇଥାଏ । ବ୍ୟକ୍ତିର ମନୋବୃତ୍ତି ତାର ଜ୍ଞାନ ଉପରେ ନିର୍ଭର କରିଥାଏ, ଯାହା ଯୁକ୍ତିଯୁକ୍ତ ଓ ବିଚାର ସଙ୍ଗତ ।

୨. **ଭାବ ସଂକ୍ରାନ୍ତ:** ମନୋବୃତ୍ତି କୌଣସି ବ୍ୟକ୍ତିର ଭାବ ଓ ଆବେଗକୁ ଜାଗ୍ରତ କରାଇଥାଏ । ବ୍ୟକ୍ତିର ଆବେଗଗୁଡିକ ଯେପରି କାହାକୁ ପସନ୍ଦ କରିବା ବା ଘୃଣା କରିବା ଆଦି ତା ଭାବ ଉପରେ ନିର୍ଭର କରିଥାଏ । ଯେଉଁ ଭାବନା ଗୁଡିକ ଏକଜୁଟ୍ ଓ ଏକୀଭୂତ କରିଥାଏ ସେଗୁଡିକ ସକାରାତ୍ମକ ଭାବନା ଓ ଯେଉଁଗୁଡିକ ଭାଗ କରିଦିଏ ବା ଖଣ୍ଡ ବିଖଣ୍ଡିତ କରିଦିଏ, ସେଗୁଡିକ ନକାରାତ୍ମକ ଭାବନା କୁହାଯାଏ ।

୩. **ବ୍ୟବହାର ବା କାର୍ଯ୍ୟ:** ଏହା ଜଣକୁ ଅନ୍ୟର ଭାବନା ବୁଝିବାରେ ସମର୍ଥ କରାଏ ।

### ୫.୪.୩- ପିଲାଙ୍କ ମନୋବୃତ୍ତିର ବିକାଶ

ପିଲାଙ୍କ ମନୋବୃତ୍ତି ବିକାଶ ପ୍ରଥମେ ପରିବାରରୁ ଏବଂ ପରେ ପରେ ବିଦ୍ୟାଳୟରୁ ଓ ସାଙ୍ଗସାଥୀଙ୍କ ପାଖରୁ ହୋଇଥାଏ । ସମାଜ ସହ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା କରିବା ସମୟରେ ଲାଭ କରିଥିବା ବ୍ୟକ୍ତିଗତ ଅନୁଭୂତି ଦ୍ୱାରା ମନୋବୃତ୍ତିର ବିକାଶ ହୋଇଥାଏ । ପିଲାର ବିକାଶ ହେବା ସହ ସେ ସନ୍ତୋଷ ଏବଂ ତଥ୍ୟ ଉଦ୍‌ଘାଟନ ଆବଶ୍ୟକ କରେ । ଯଥା କୌଣସି ବ୍ୟକ୍ତି ବା ପରିସ୍ଥିତି ସମ୍ବନ୍ଧରେ ଜ୍ଞାନ ହାସଲ କରିବା, ଯାହା ଉପରେ ନିର୍ଭର କରି ଅନୁକୂଳ ବା ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥାଏ । ଦୁର୍ବଳ ଜ୍ଞାନ ଆଧାରରେ ସୃଷ୍ଟି ହୋଇଥିବା ମନୋବୃତ୍ତି ପରବର୍ତ୍ତୀ ସମୟରେ ଜ୍ଞାନର ଅଭିବୃଦ୍ଧି ସହିତ ପରିବର୍ତ୍ତିତ ହୋଇଥାଏ । ଏ ସମସ୍ତ ସହଯୋଗ ପ୍ରଦାନ କରୁଥିବା ଗୋଷ୍ଠୀ ସଂଖ୍ୟା ଉପରେ ନିର୍ଭର କରେ । ପିଲାମାନେ ଅନେକଗୁଡିଏ ଗୋଷ୍ଠୀ ସଂସ୍ପର୍ଶରେ ଆସିଥାନ୍ତି ଯେପରିକି ସହପାଠୀ, ଧାର୍ମିକ ଗୋଷ୍ଠୀ, ସାଂସ୍କୃତିକ ଗୋଷ୍ଠୀ, ଇତ୍ୟାଦି । ପ୍ରାଥମିକ ସ୍ତରର ଗୋଷ୍ଠୀଗୁଡିକ ଯେପରି ପରିବାର, ସାଥୀସାଙ୍ଗ ଏବଂ ବିଦ୍ୟାଳୟର ସହପାଠୀମାନେ ମନୋବୃତ୍ତି ବିକାଶକୁ ପ୍ରଭାବିତ କରିବାର ଦକ୍ଷତା ଧାରଣ କରିଥାନ୍ତି । ଏପରି ହେବାର କାରଣ ହେଉଛି ଏହି ଗୋଷ୍ଠୀର ସଦସ୍ୟମାନେ ଅନେକ ତଥ୍ୟ ସମ୍ବଳ ହାସଲ କରିଥାନ୍ତି ଏବଂ ସେମାନଙ୍କ ଉପରେ ଅନେକ ଦାୟିତ୍ୱ ରହିଥାଏ । ଏଥିପାଇଁ ଏହି ସଦସ୍ୟମାନେ କୌଣସି ବସ୍ତୁ ବା ବ୍ୟକ୍ତି ସମ୍ବନ୍ଧରେ ସାଧାରଣ ମନୋବୃତ୍ତି ସୃଷ୍ଟି କରିବା ସମ୍ଭବ ହୋଇଥାଏ । ଥରେ ଏହି ମନୋବୃତ୍ତି ସୃଷ୍ଟି ହେବା ପରେ ଏଗୁଡିକ ଦୃଢ ହୋଇଥାଏ ଓ କୌଣସି ପରିବର୍ତ୍ତନକୁ ପ୍ରତିରୋଧ କରେ ।

ଟିପ୍ପଣୀ

ଟିପ୍ପଣୀ

## ୫.୪.୪- ପିଲାଙ୍କ ଉତ୍ତମ ମନୋବୃତ୍ତି ସୃଷ୍ଟି କରିବାରେ ଶିକ୍ଷକଙ୍କ ଭୂମିକା

ଶିକ୍ଷକଙ୍କ ପ୍ରଭାବଶାଳୀ ମନୋବୃତ୍ତି ଓ କାର୍ଯ୍ୟ ଶିକ୍ଷାର୍ଥୀଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିପାରିଥାଏ । ପୂର୍ବ ଶିକ୍ଷଣ ଅନୁଭୂତିକୁ ପରୀକ୍ଷା କରି ଶିକ୍ଷକମାନେ ଗୋଟିଏ ଶ୍ରେଣୀରେ କଣ କରିବା ଉଚିତ୍ ଓ କଣ ନ କରିବା ଉଚିତ୍ ଆଲୋଚନା କରିପାରିବେ । ଶିକ୍ଷକଙ୍କର ସାଧାରଣତଃ ୫ ପ୍ରକାରର ମନୋବୃତ୍ତି ତଥା କାର୍ଯ୍ୟ ପ୍ରକ୍ରିୟା ରହିଥାଏ । ଯଥା ଶିକ୍ଷକଙ୍କ ଯତ୍ନ ଓ ଦୟାଶୀଳତା, ଶ୍ରେଣୀର ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବାର ଇଚ୍ଛା, ଶିକ୍ଷାର୍ଥୀଙ୍କ ଭିତରେ ଥିବା ବିଭିଧତା ପାଇଁ ଆନ୍ତରିକତା ଓ ସମ୍ବେଦନଶୀଳତା ସମସ୍ତ ଶିକ୍ଷାର୍ଥୀଙ୍କୁ ଅର୍ଥପୂର୍ଣ୍ଣ ଶିକ୍ଷଣ ଅନୁଭୂତି ଯୋଗାଇ ଦେବାକୁ ପ୍ରେରଣା ଏବଂ ଶିକ୍ଷାର୍ଥୀଙ୍କ ଅନ୍ତର୍ନିହିତ ସୃଜନଶୈଳୀକୁ ବିକଶିତ କରିବା ଉତ୍ସାହ ।

ଶିକ୍ଷକ ପ୍ରସ୍ତୁତି କରିବାର ଦାୟିତ୍ୱ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକର ଶିକ୍ଷକ ଶିକ୍ଷା ଯୋଜନା ସହ ଆରମ୍ଭ ହୋଇଥାଏ । ଯାହା ହେଲେ ମଧ୍ୟ କୌଣସି ଶିକ୍ଷଣ ପାଠ୍ୟକ୍ରମର ଉପସ୍ଥାପନା ସ୍ତରରେ ଯୋଗ ଦେବା ବେଳକୁ ଜଣେ ଅନେକ ଶିକ୍ଷକଙ୍କ ଅନୁଭୂତି ଆହରଣ କରିଥାଏ । ଶିକ୍ଷକମାନଙ୍କର ନିଜ ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ଦୃଢ ଧାରଣା ସୃଷ୍ଟି କରିବାର ସୁଯୋଗ ପାଇଥାନ୍ତି । ବିଦ୍ୟାଳୟ ଅନୁଭୂତିଗୁଡିକ ଶିକ୍ଷାର୍ଥୀର ମନୋବୃତ୍ତିକୁ ଗଢିଥାଏ, ଆକାର ଦେଇଥାଏ ଏବଂ ବିଦ୍ୟାଳୟ ଭିତରେ ଓ ବାହାରେ ଶିକ୍ଷାର୍ଥୀର ମତକୁ ପ୍ରଭାବିତ କରିଥାଏ । ଏହି ବିଦ୍ୟାଳୟ ସ୍ମୃତିଗୁଡିକ ଶିକ୍ଷାର୍ଥୀ ଜୀବନରେ ଆଜୀବନ ଜୀବନ୍ତ ହୋଇ ରହିବାର ସାମ୍ଭାବ୍ୟତା ରହିଥାଏ ଏବଂ ଶିକ୍ଷାର୍ଥୀର ବର୍ତ୍ତମାନ ଓ ଭବିଷ୍ୟତ ନିଷ୍ପତ୍ତି ନେବାରେ ଏକ ପରିମାଣତ୍ମକ ଭୂମିକା ନିର୍ବାହ କରିଥାଏ । ଶିକ୍ଷକଙ୍କ ମନୋବୃତ୍ତି ଓ କାର୍ଯ୍ୟାବଳୀ ଶିକ୍ଷାର୍ଥୀ ଉପରେ ଏକ ଫଳପ୍ରଦ ଓ ସକାରାତ୍ମକ ପ୍ରଭାବ ପକାଇଥାଏ । ଶିକ୍ଷାର୍ଥୀଙ୍କର ପୂର୍ବ ଶିକ୍ଷଣ ଅନୁଭୂତିକୁ ପରୀକ୍ଷା କରି ସେମାନଙ୍କ ସହ କିପରି ବ୍ୟବହାର କରିବା ଉଚିତ୍ ଓ କିପରି କରିବା ଅନୁଚିତ୍ ଏହା ଶ୍ରେଣୀ ଗୃହରେ ଆଲୋଚନା କରିପାରିବେ ।

## ୫.୪.୫- ଶିକ୍ଷକଙ୍କର ୫ଟି ଫଳପ୍ରଦ ମନେବୃତ୍ତି

୧. **ଯତ୍ନ ଓ ଦୟାଶୀଳତା ପ୍ରଦର୍ଶନ:** ଶିକ୍ଷକଙ୍କ ବ୍ୟକ୍ତିତ୍ୱ ଯତ୍ନବାନ ଓ ଦୟାଶୀଳତା ଗୁଣରେ ଅଧିକାରୀ ହେବାର ଆବଶ୍ୟକତା ରହିଛି । ଜଣେ ଭଲ ଶିକ୍ଷକ ନିଜର ଆବେଗ ଓ ଅନୁଭୂତି ଯଥା- ଉତ୍ସାହ, ସ୍ନେହ, ଓ ଅନୁରାଗ, ଧୈର୍ଯ୍ୟ, ଦୁଃଖ/ବିଷାଦ ଓ ପ୍ରତିକୂଳ ମନୋବୃତ୍ତି ଆଦି ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବା ପାଇଁ ସର୍ବଦା ପ୍ରସ୍ତୁତ ଥାନ୍ତି । ଏହାଛଡା ସେ ଶିକ୍ଷାର୍ଥୀଙ୍କ ଆଗ୍ରହ ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଆବଶ୍ୟକ । ସେ ଶିକ୍ଷାର୍ଥୀଙ୍କ ଯତ୍ନ ନେବା ଏବଂ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବା ଆବଶ୍ୟକ ।

୨. **ଦାୟିତ୍ୱ ବଣ୍ଟନ:** ଜଣେ ଶିକ୍ଷକ କେବେ ବି କଠୋର ହେବା ଉଚିତ୍ ନୁହେଁ । ଶିକ୍ଷକ ଯେପରି ଭାବରେ ପିଲାମାନଙ୍କୁ ଦାୟିତ୍ୱ ପ୍ରଦାନ କରିଥାନ୍ତି । ସେହି ପରି ସମାନ ସ୍ୱାଧୀନତା ମଧ୍ୟ ଯୋଗାଇ ଦେବା ଆବଶ୍ୟକ । ଶିକ୍ଷକ ସବୁବେଳେ ନିୟମଗୁଡିକୁ ନେଇ ଶକ୍ତ ହେବା ପରିବର୍ତ୍ତେ ଆବଶ୍ୟକ ସ୍ଥଳେ କମନୀୟ ହେବା ଜରୁରୀ । ଏହି ନମନିୟତା ଓ ଦାୟିତ୍ୱବାନ ଗୁଣାବଳୀଗୁଡିକ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ ।

୩. **ବିବିଧତା ପ୍ରତି ସମ୍ବେଦନଶୀଳତା:** ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବୁଝିବା ପାଇଁ ସମ୍ବେଦନଶୀଳ ହେବା ଆବଶ୍ୟକ ଏବଂ ଶିକ୍ଷାର୍ଥୀଙ୍କୁ ବୁଝିବାର ଆବଶ୍ୟକତା ଅନୁଭବ କରାଇବା ଉଚିତ୍ । ଭିନ୍ନ ଭିନ୍ନ ସମ୍ପ୍ରଦାୟ ଓ ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀମାନେ ଗହଣରେ ଶିକ୍ଷଣ କରିବା ସମୟରେ ଶିକ୍ଷକ ସମ୍ବେଦନଶୀଳତା, ସ୍ୱୀକୃତ ଓ ପ୍ରେରଣା ପ୍ରଦାନ କରିବା ଉଚିତ୍ । ଜଣେ ଭଲ ଶିକ୍ଷକ ଶିକ୍ଷାର୍ଥୀଙ୍କ ଭିତରେ ଥିବା ଅନ୍ତର୍ନିହତ ଶକ୍ତିକୁ ଖୋଜି ବାହାର କରି ତାକୁ ବ୍ୟକ୍ତିଗତ ଭାବରେ ଶ୍ରେଣୀ ଗୃହରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଶଂସା କରିବା ଆବଶ୍ୟକ ।

୪. **ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱ ବୃଦ୍ଧି ଓ ବିକାଶରେ ସହାୟତା:** ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଏକ ଅର୍ଥପୂର୍ଣ୍ଣ ସୁଯୋଗ

ପ୍ରଦାନ କରିଥାନ୍ତି । ଶିକ୍ଷକ ନିଜେ ଶିକ୍ଷାର୍ଥୀ ଥିବା ସମୟରେ ତାଙ୍କୁ ଶିକ୍ଷଣ ସଫଳ ହେବା ପାଇଁ ଯାହା ସବୁ ସାହାଯ୍ୟ ଆବଶ୍ୟକ, ସେସବୁ ମନେ ପକାଇ ସେଗୁଡିକର ବ୍ୟବହାର କରିବା ଉଚିତ୍ । ସେମାନଙ୍କ ଶିକ୍ଷକ ଯେଉଁ ସବୁ ପନ୍ଥା ଅବଲମ୍ବନ କରିବା ଦ୍ୱାରା ଶିକ୍ଷାର୍ଥୀ ଭଲ ପ୍ରଦର୍ଶନ କରୁଥିଲେ, ସେ ସବୁ ବ୍ୟବହାର କରିବା ଉଚିତ୍ । ସେ ମଧ୍ୟ ନିଜ ଶିକ୍ଷକଙ୍କ ମନୋବୃତ୍ତିକୁ ମନେ ପକାଇବା ଆବଶ୍ୟକ । ଯେଉଁଗୁଡିକ ସେମାନଙ୍କୁ ନିରୁତ୍ସାହିତ କରୁଥିଲା । ସେ ପ୍ରକାରର ମନୋବୃତ୍ତିଠାରୁ ଶିକ୍ଷକ ଦୂରେଇ ରହିବେ । ଶିକ୍ଷକ ଶିକ୍ଷାର୍ଥୀଙ୍କ ଦୁର୍ବଳତା ନ ଦେଖି ସେମାନଙ୍କ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ୟ ଶିକ୍ଷକମାନଙ୍କୁ ସକାରାତ୍ମକ ଭାବେ ସେମାନଙ୍କ ଆତ୍ମବିଶ୍ୱାସ ଓ ଆତ୍ମ ସମ୍ମାନ ବଢାଇବା ପାଇଁ ପ୍ରେରଣା ଦେବା ଆବଶ୍ୟକ ।

୫. **ସୃଜନଶୀଳତାକୁ ପ୍ରେରଣା ଦେବା:** ଏହି ପ୍ରକାରର ମନୋବୃତ୍ତି ଶିକ୍ଷାର୍ଥୀଙ୍କ ସୃଜନଶୀଳତାର ଗୁରୁତ୍ୱ ଉପରେ ଦୃଷ୍ଟି ଦେଇଥାଏ । ଶିକ୍ଷକ ଶିକ୍ଷାର୍ଥୀଙ୍କ ଧାରଣା ଓ ମତାମତ ଆଦିକୁ ଗୁରୁତ୍ୱର ସହ ଶୁଣିବା ଆବଶ୍ୟକ । ଜଣେ ପ୍ରଭାବଶାଳୀ ଶିକ୍ଷକ ଶିକ୍ଷାର୍ଥୀଙ୍କ ସୃଜନଶୀଳତା ମନୋଭାବ ଓ କଳ୍ପନାଗୁଡିକ ପ୍ରତି ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଶିକ୍ଷଣ କାର୍ଯ୍ୟରେ ଅନେକ ପନ୍ଥା ଅବଲମ୍ବନ କରିଥାନ୍ତି । ଶିକ୍ଷାର୍ଥୀର ଆଗ୍ରହ, କୌଶଳ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେତେବେଳେ ଶିକ୍ଷକ ପାଠପଢା ଯୋଜନା ପ୍ରସ୍ତୁତ କରନ୍ତି । ସେତେବେଳେ ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ ପ୍ରେରିତ ହୋଇଥାଏ । ଅନ୍ୟ ପଟେ ଯଦି ଶିକ୍ଷାର୍ଥୀଙ୍କ ସୃଜନଶୀଳତାକୁ ଗୁରୁତ୍ୱ ଦିଆନଯାଏ କିମ୍ବା ଅଣଦେଖା କରାଯାଏ, ସେତେବେଳେ ଶିକ୍ଷାର୍ଥୀ ଶିକ୍ଷଣ କ୍ଷେତ୍ରରେ ଅନାଗ୍ରହ ପ୍ରଦର୍ଶନ କରିଥାନ୍ତି । ଏପରି କ୍ଷେତ୍ରରେ ପ୍ରତିଯୋଗିତା ଶିକ୍ଷାର୍ଥୀଙ୍କ ଉପରେ ଏକ ବୋଝ ଭଳି ଲଦି ହୋଇଯାଏ ଏବଂ ପାଠପଢାରେ ହସ୍ତକ୍ଷେପ କରିଥାଏ । ଯେହେତୁ ଶିକ୍ଷାର୍ଥୀମାନେ କେବଳ ପ୍ରଶଂସା ଓ ନମ୍ବର ପାଇବା ପାଇଁ କାର୍ଯ୍ୟ କରିଥାନ୍ତି କେତେକ ଶିକ୍ଷକ ଶିକ୍ଷାର୍ଥୀଙ୍କ ଭଲ ପ୍ରଦର୍ଶନ ପାଇଁ ସେମାନଙ୍କୁ ବାହ୍ୟ ପ୍ରେରଣା କିମ୍ବା ଛୋଟ ଛୋଟ ପୁରସ୍କାର ପ୍ରଦାନ କରିବାକୁ ହେୟ ଜ୍ଞାନ କରିଥାନ୍ତି । ଏହା ଦ୍ୱାରା ଶିକ୍ଷାର୍ଥୀଙ୍କ ଶିଖିବାର ଇଚ୍ଛାକୁ କମାଇ ଦେଇଥାଏ । ଏପରିକି ଶିକ୍ଷାର୍ଥୀଙ୍କ ସଫଳତାସ୍ତର ମଧ୍ୟ ନିମ୍ନଗାମୀ ହୋଇଥାଏ ।

ବିଭିନ୍ନ ଅନୁଧ୍ୟାନରୁ ବର୍ଣ୍ଣନା କରାଯାଇଛି ଯେ ପାଠ ପଢାଇବା ହେଉଛି ଏକ କଠିନ ମାନସିକ ପ୍ରକ୍ରିୟା ଓ ଜଣେ ଶିକ୍ଷକଙ୍କର ଶିକ୍ଷାର୍ଥୀ ସହିତ ଶ୍ରେଣୀ ଗୃହରେ ଭାବର ଆଦାନପ୍ରଦାନ, ଶିକ୍ଷାର୍ଥୀଙ୍କୁ ପ୍ରେରିତ କରିବା ଓ ବିଭିନ୍ନ ନିଷ୍ପତ୍ତି ନେବା ଯାହା ଦ୍ୱାରା ଶିକ୍ଷାର୍ଥୀଙ୍କ ସହ ଶିକ୍ଷକଙ୍କର ବ୍ୟକ୍ତିଗତ ସମ୍ପର୍କ ଦୃଢ କରୁଥିବ । ଏହା ପ୍ରତି ଶିକ୍ଷକଙ୍କ ଉପରେ ଭରସା ରଖିବା ଉଚିତ୍ । ଏହି ପ୍ରଭାବଶାଳୀ ଗୁଣ ଓ କାର୍ଯ୍ୟଗୁଡିକ ଶିକ୍ଷାର୍ଥୀଙ୍କ ଉପରେ ଭଲ ପ୍ରଭାବ ପକାଇଥାଏ । ଏହି ଗୁଣଗୁଡିକ ଶିକ୍ଷକଙ୍କର ପ୍ରତିଦିନର କାର୍ଯ୍ୟଶୈଳୀ ଓ ବ୍ୟବହାର ଉପରେ ପ୍ରଭାବ ପକାଇଥାଏ । ବ୍ୟବହାରଗତ ଗୁଣ ଓ ବିଶ୍ୱାସ ହେଉଛି ମାନସିକ ଅବସ୍ଥାକୁ ବର୍ଣ୍ଣନା କରୁଥିବା ଏକ କ୍ଷୁଦ୍ର କଣିକା ଯାହା ଦ୍ୱାରା ମନୁଷ୍ୟର କାର୍ଯ୍ୟଶୈଳୀ ପ୍ରଭାବିତ ହୋଇଥାଏ । ପ୍ରଭାବିତ ବ୍ୟବହାର ପ୍ରଦର୍ଶନ ଦ୍ୱାରା ଶିକ୍ଷକ ଓ ଛାତ୍ରଛାତ୍ରୀ ପରସ୍ପର ମଧ୍ୟରେ ଆପୋଷ ସମ୍ମାନ ଓ ବିଶ୍ୱାସ ଭାଜନ ହୋଇପାରିବ ।

## ୫.୫. ଅନ୍ତୋପଲବ୍ଧିତାର ଆବଶ୍ୟକତା ଓ ଶିଶୁମାନଙ୍କ ମଧ୍ୟରେ ତା'ର ବିକାଶ

ଅନ୍ତୋପଲବ୍ଧି ହେଉଛି ଇନ୍ଦ୍ରିୟାନୁଭୂତି ମାଧ୍ୟମରେ ପରିବେଶକୁ ଜାଣିବା । ଆମ ଚାରିପାଖେ ଥିବା ଜିନିଷଗୁଡିକ ଉତ୍ପ୍ରେରକ ଭଳି କାର୍ଯ୍ୟ କରିଥାଏ କିନ୍ତୁ ସେଗୁଡିକ ବସ୍ତୁ ନୁହନ୍ତି । ଉତ୍ପ୍ରେରକ ଓ ବସ୍ତୁ ଦୁଇଟିଯାକ ସମ୍ପୂର୍ଣ୍ଣ ଭିନ୍ନ ।

ଉଦାହରଣ: ଯେତେବେଳେ ଏକ ଉପତ୍ୟକାରୁ ନଦୀଟି ତଳ ଆଡ଼କୁ ବହି ଆସେ, ସେତେବେଳେ ନଦୀଟି ଆମ ଆଡ଼କୁ ଆସୁଥିବାର ଦେଖାଯାଏ ନାହିଁ । କିନ୍ତୁ ନଦୀ ଜଳରେ ପ୍ରତିଫଳିତ ହେଉଥିବା ଆଲୋକ ଆମ ଆଖିରେ ପଡିଥାଏ ଏବଂ ଆମେ ସେହି ନଦୀଟିକୁ ଦେଖିପାରୁ । ବେଳେ ବେଳେ ତୁମେ ଏକ କମ୍ ବର୍ଦ୍ଧିଷ୍ଣୁ ଶବ୍ଦ ଶୁଣିପାର କିନ୍ତୁ କିଛି ସମୟ ପରେ ଏକ ଉଡାଜାହାଜ ଆସିବାର ଦେଖିଥାଅ, ତାହା ହେଉଛି ଉଡାଜାହାଜଟି

ଟିପ୍ପଣୀ

ପବନରେ ଗତି କରିବାର ଶବ୍ଦ । ତେଣୁ ବେଳେବେଳେ ଉତ୍‌ପ୍ରେରକର ପ୍ରଭାବରେ ଆମେ ଯାହା ଭାବିଥାଉ ସେହି ଜିନିଷଟି ହୋଇ ନଥାଏ ।

ଯେଉଁ ପ୍ରକ୍ରିୟାରେ ଇନ୍ଦ୍ରିୟମାନଙ୍କ ଦ୍ୱାରା ତଥ୍ୟଗୁଡ଼ିକ ଏକତ୍ରୀକରଣ ପ୍ରକ୍ରିୟାକରଣ କରାଯାଇଥାଏ ଓ ବିଶ୍ଳେଷଣ ମଧ୍ୟ କରାଯାଇଥାଏ । ଏହା ବର୍ଣ୍ଣନା କରାଯାଇଛି ଯେ ଜଣେ ଉଦ୍ଦୀପକର ଉପସ୍ଥିତିକୁ ଜାଣିପାରେ କିନ୍ତୁ ଉପଲବ୍ଧ ମଧ୍ୟ କରେ କି ଏହା କଣ । ଏହା ହେଉଛି ଆମ ଚାରିପାଖେ ଥିବା ପରିବେଶ ପ୍ରତି ଆମର ଅନ୍ତଃଦୃଷ୍ଟି, ଯାହାକି ଆମକୁ ବିଭିନ୍ନ ଉପାୟରେ କ୍ରିୟା ପ୍ରକାଶ କରିବାକୁ ମାର୍ଗ ଦର୍ଶାଇଥାଏ । ଯାହାକି ଶିଶୁ ଓ କୈଶୋରମାନଙ୍କର ବ୍ୟବହାର ଓ ଅନ୍ତଃଦୃଷ୍ଟିରେ ପ୍ରଭାବ ପକାଇଥାଏ ।

### ୫.୫.୧- ଶିଶୁର ଅତ୍ମୋପଲବ୍ଧିର ବିକାଶ

ଗୋଟିଏ ଶିଶୁର ବିକାଶ ସେତେବେଳେ ପର୍ଯ୍ୟନ୍ତ ଅସମ୍ଭବ ଯେତେବେଳେ ପର୍ଯ୍ୟନ୍ତ ସେ ନିଜ ଭିତରେ ତଥ୍ୟ ଉପଲବ୍ଧି କ୍ଷମତାକୁ ନ ଜାଣିଛି । ଅତ୍ମୋପଲବ୍ଧି ବିକାଶର ଏକ ମୁଖ୍ୟ ସମୟ ହେଉଛି ଶିଶୁର ତୃତୀୟ ବର୍ଷ ।

### ୫.୫.୨- ଶିଶୁ ମଧ୍ୟରେ ଅତ୍ମୋପଲବ୍ଧି ବିକାଶର ଆବଶ୍ୟକତା

ଅତ୍ମୋପଲବ୍ଧି ଶିଶୁ ବିକାଶର ବିଭିନ୍ନ କାରଣଗୁଡ଼ିକ ପାଇଁ ନିତ୍ୟାନ୍ତ ଆବଶ୍ୟକ । ଏହା ଶିଶୁକୁ କେଉଁ ସମୟରେ କଣ ଗ୍ରହଣ କରାଯିବ ସେଥିରେ ସହାୟକ ହୋଇଥାଏ । ଶିଶୁ ବିକାଶ କ୍ଷେତ୍ରରେ ଅନ୍ତଃଦୃଷ୍ଟିର ଆବଶ୍ୟକତା ରହିଛି । ଏହାର କାରଣଗୁଡ଼ିକ ନିମ୍ନରେ ଦିଆଗଲା:-

- ସାମାଜିକୀକରଣ
- ଜ୍ଞାନର ଅଧିକାର
- ଭାଷାଜ୍ଞାନର ଅଧିକାର
- ଅବେଗିକ ଭାବ ପ୍ରକାଶ
- ସ୍ମୃତିଶକ୍ତି
- ସ୍ୱତଃ-ପରିବେଶ
- ହସ୍ତ-ଚକ୍ଷୁ ସମ୍ବନ୍ଧ
- ସ୍ୱ-ସଚେତନତା ଭାବ

### ୫.୫.୩-ଜ୍ଞାନ, ସ୍ମୃତି ଓ ଅତ୍ମୋପଲବ୍ଧି

ଅତ୍ମୋପଲବ୍ଧିର ବିକାଶ ବିନା ଶିଶୁ ନୂତନ ଜ୍ଞାନର ଆହରଣ ଓ ପୂର୍ବଜ୍ଞାନ ସ୍ମରଣ କରିପାରିବ ନାହିଁ । କାରଣ ଜ୍ଞାନର ସଂରକ୍ଷଣ ପାଇଁ ଅତ୍ମୋପଲବ୍ଧି ନିତ୍ୟାନ୍ତ ଆବଶ୍ୟକ । ତେଣୁ ଅତ୍ମୋପଲବ୍ଧିକୋଣର ବିକାଶ ଶିଶୁ ପାଇଁ ନିତ୍ୟାନ୍ତ ଆବଶ୍ୟକ, ଯାହା ତାକୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବାକୁ ସାହାଯ୍ୟ କରେ । ପାରସ୍ପରିକ ବାର୍ତ୍ତାଳାପ ଦ୍ୱାରା ବନ୍ଧୁତା ସୃଷ୍ଟି ହୋଇଥାଏ । କିନ୍ତୁ ଏହି ବନ୍ଧୁତାକୁ ସ୍ଥାପନ ଓ ବଜାୟ ରଖିବା ପାଇଁ ଅତ୍ମୋପଲବ୍ଧିର ଆବଶ୍ୟକତା ରହିଛି ।

### ୫.୫.୪- ଅତ୍ମୋପଲବ୍ଧି ବିକାଶରେ ଖେଳର ଗୁରୁତ୍ୱ

ଗୋଟିଏ ଶିଶୁର ଅତ୍ମୋପଲବ୍ଧିର ବିକାଶରେ ଖେଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ କ୍ରୀଡା ଶିଶୁର ଶିକ୍ଷା ଓ ବିକାଶରେ ସହାୟକ ହୋଇଥାଏ । ଅଭିଭାବକମାନେ ସର୍ବଦା ଶିଶୁର କ୍ରୀଡା ଓ ଖେଳକୁଦକୁ ଅଣଦେଖା କରିଥାନ୍ତି । ସେମାନେ ଶିଶୁମାନଙ୍କ ସେହି ଖେଳକୁ ସାମାଜିକ ଦୃଷ୍ଟିକୋଣରୁ ଭଲ ବୋଲି ଭାବି ନଥାନ୍ତି ।

କ୍ରୀଡା ସହ ସମ୍ପର୍କୀତ ବିକାଶର ତତ୍ତ୍ୱ ଏବଂ ଅନୁସନ୍ଧାନର ଏକ ଲମ୍ବା ଇତିହାସ ରହିଛି । ମନସ୍ତତ୍ତ୍ୱବିତ୍‌ମାନେ

ପିଲାମାନଙ୍କର ଆବେଗିକ ସମସ୍ୟାର ସମାଧାନ ନିମନ୍ତେ କ୍ରୀଡାକୁ ହିଁ ଉପଯୁକ୍ତ ମାଧ୍ୟମ ଭାବରେ ଅଭିହିତ କରିଛନ୍ତି । ଜିନ୍ ପିଆଜେ କ୍ରୀଡା ଏବଂ ବୌଦ୍ଧିକ ବିକାଶ ମଧ୍ୟରେ ଏକ ସମ୍ପର୍କ ଆବିଷ୍କାର କରିଛନ୍ତି । ତାଙ୍କ ମତରେ ଶିକ୍ଷଣ ନିମନ୍ତେ କ୍ରୀଡା ଏକ ମାଧ୍ୟମ ଅଟେ । ମନସ୍ତତ୍ତ୍ୱବିତ୍ ଲେଭ୍ ଭାଇଗୋଟ୍‌ସ୍କିଙ୍କୁ ମତରେ ଛୋଟ ଛୋଟ ପିଲାଙ୍କର ଶିକ୍ଷଣ ତଥା ବିକାଶ ସମ୍ଭବପର । କାରଣ କ୍ରୀଡା ଏକ ନିକଟବର୍ତ୍ତୀ ବିକାଶ କେନ୍ଦ୍ର ସୃଷ୍ଟି କରିଥାଏ । ଭାଇଗୋଟ୍‌ସ୍କିଙ୍କ ତତ୍ତ୍ୱ ଅନୁସାରେ, ଅଧିକ ଉନ୍ନତ ତଥା ଅଭିଜ୍ଞ ବ୍ୟକ୍ତି ଯଥା ଗୁରୁଜନ, ପିତାମାତା କିମ୍ବା ତାଠାରୁ ଅଧିକ ବଡ ପିଲାମାନଙ୍କ ସହିତ ଖେଳିଲେ ସେମାନଙ୍କର ଦକ୍ଷତା ବୃଦ୍ଧି ହେବା ସହିତ ଅଧିକ ଉନ୍ନତମାନର ଖେଳରେ ଅଂଶଗ୍ରହଣ ପାଇଁ ନିଜ ମଧ୍ୟରେ ଦୃଢବିଶ୍ୱାସ ଜାତ କରିପାରିବେ । ତାଙ୍କ ମତରେ କ୍ରୀଡା, ଭାଷା, ସ୍ମୃତିଶକ୍ତି, ଯୁକ୍ତିଶକ୍ତି, ଚିନ୍ତାଶକ୍ତି ତଥା ସାମାଜିକ ଦକ୍ଷତାଗୁଡିକର ବିକାଶରେ ଏକ ମୁଖ୍ୟ ଭୂମିକା ଗ୍ରଷଣ କରିଥାଏ ।

ଶିଶୁର ବିକାଶ ଦିଗରେ କ୍ରୀଡାର ଗୁରୁତ୍ୱ ସୀମାହୀନ ଏବଂ ବିଶାଳ । ଆମେ ଜାଣୁ ଯେ ଶିଶୁମାନଙ୍କର ମସ୍ତିଷ୍କର ବିକାଶ ସେମାନଙ୍କର ବିକାଶ ଓ ଶିକ୍ଷଣର ସମସ୍ତ ଦିଗ ସହିତ ଅଙ୍ଗାଅଙ୍ଗୀ ଭାବେ ଜଡିତ । ପ୍ରାଥମିକସ୍ତରରେ ମସ୍ତିଷ୍କର ବିକାଶ ଏବଂ କ୍ରୀଡା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଦେଖିବାକୁ ମିଳେ । ଉନ୍ନତମାନର କ୍ରୀଡାଗୁଡିକ ସ୍ନାୟବିକ ସଂଯୋଗ ସ୍ଥାପନର ହାରକୁ ଦ୍ରୁତ କରିଦିଏ । ଜିନସ୍ ବର୍ଗ ଯୋଗାଯୋଗର ସମିତି ଏବଂ ଶିଶୁର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ବିଚାର କରୁଥିବା ଏକ ସମିତି ଅନୁଯାୟୀ ପିଲାମାନେ କ୍ରୀଡା ମାଧ୍ୟମରେ ସେମାନଙ୍କର ନିଜର ଏକ ଦୁନିଆ ପୁନଃ ସୃଷ୍ଟି କିମ୍ବା ଆବିଷ୍କାର କରିପାରିବେ । ସେମାନଙ୍କୁ ଯୁକ୍ତି ଅନୁଯାୟୀ କ୍ରୀଡା ଶିଶୁମାନଙ୍କର ବିଭିନ୍ନ ନୂତନ ଦକ୍ଷତା ବିକାଶରେ ବିଶେଷ ସହାୟକ ହୋଇଥାଏ । ଯାହା ସେମାନଙ୍କୁ ଭବିଷ୍ୟତରେ ବିଭିନ୍ନ ଆହ୍ୱାନକୁ ସାମ୍ନା କରିବା ପାଇଁ ଦୃଢ ମନୋବଳ, ଆତ୍ମବିଶ୍ୱାସ ତଥା ପ୍ରତିରୋଧ କ୍ଷମତା ଯେଗାଇ ଦେଇଥାଏ । ସେମାନେ ଏହା ମଧ୍ୟ କହିଥିଲେ ଯେ କ୍ରୀଡା ଦ୍ୱାରା ବିଶେଷ ଭାବରେ ଅନ୍ୟ କାହାର ବିନା ନିର୍ଦ୍ଦେଶରେ ହୋଇଥିବା କ୍ରୀଡା ଅର୍ଥାତ ମୁକ୍ତ କ୍ରୀଡା ଦ୍ୱାରା ଶିକ୍ଷାର୍ଥୀମାନେ ବିଭିନ୍ନ ସାମାଜିକ ଦକ୍ଷତା ଯଥା ଦଳଗତ କାର୍ଯ୍ୟ, ଚୁକ୍ତିପୂର୍ବକ ଆଲୋଚନା, ସଂଘର୍ଷ ବା ଦ୍ୱନ୍ଦ୍ୱ ଲଘୁକରଣ, ସ୍ୱୟଂ ପକ୍ଷପୋଷଣ, ପ୍ରବୃତ୍ତି ବିକାଶ କରିବାର ସୁଯୋଗ ପ୍ରାପ୍ତ କରିପାରିବେ । ସେମାନଙ୍କ ମତରେ ଯଦି କ୍ରୀଡା ଶିକ୍ଷାର୍ଥୀକୈନ୍ଦ୍ରିକ ହୁଏ ତେବେ ଅନ୍ୟ ଜୀବନଧାରଣର ଦକ୍ଷତା ଯଥା; ନିଷ୍ପତ୍ତି ନେବା, ଜଣଙ୍କର ଶିକ୍ଷଣର ଗତି ଜାଣିବା ତଥା ଜଣଙ୍କର ଆଗ୍ରହର ପରିସର ଜାଣିବା ପ୍ରଭୃତି ବିକଶିତ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତ ପାଇଁ ଆବଶ୍ୟକ ହୋଇପାରିବ ।

ଦେଖାଯାଇଛି ଯେ ଶିକ୍ଷାର୍ଥୀମାନଙ୍କର ବାଲ୍ୟାବସ୍ଥାରେ ବିକାଶ ତଥା ଶିକ୍ଷଣ ନିମନ୍ତେ ଆବଶ୍ୟକ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଜଟିଳ ଜ୍ଞାନାତ୍ମକ କ୍ରିୟାକଳାପ ତଥା କେତେକ ମୌଳିକ ଦକ୍ଷତା ଓ କ୍ରୀଡା ମଧ୍ୟରେ ଏକ ସଂଯୋଗ ରହିଛି । ଏହା ମଧ୍ୟ ଦେଖାଯାଏ ଯେ ଏହି ଦକ୍ଷତାଗୁଡିକ ଶିକ୍ଷାର୍ଥୀ ମାନଙ୍କର ମୂଳଦୁଆକୁ ଦୃଢ କରିବା ସହିତ ବିଦ୍ୟାଳୟ ତଥା ବିଦ୍ୟାଳୟ ବାହାରେ ସେମାନଙ୍କ ଶିକ୍ଷଣକୁ ଫଳପ୍ରଦ କରିବାରେ ବିଶେଷ ଭାବରେ ସହାୟକ ହୋଇଥାଏ । ତେଣୁ ଏଥିରୁ ସ୍ପଷ୍ଟ ଉପଲବ୍ଧ ଯେ ଶିଶୁର ବିକାଶ ତଥା ଆନୁଷ୍ଠାନିକ ସଫଳତା ନିମନ୍ତେ କ୍ରୀଡା ଏକାନ୍ତ ଆବଶ୍ୟକ ।

ଶିଶୁମାନଙ୍କର ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କର ପିତାମାତା ଓ ସେମାନଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ଓ ସମ୍ପର୍କ ଅନୁବନ୍ଧକୁ କ୍ରୀଡା ମାଧ୍ୟମରେ କରାଗଲେ ଏଥିରୁ ଏହା ଜଣାଯାଏ ଯେ ବିଭିନ୍ନ ଦେଶମାନେ ସେମାନଙ୍କର ECD Policy ରେ କ୍ରୀଡାକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ । ଏହି କ୍ରମରେ ଗୋଟିଏ ଉପଯୁକ୍ତ ନୀତି ବ୍ୟବସ୍ଥିତ କରିବା ପାଇଁ ସଂସ୍କୃତିମୂଳକ ଗବେଷଣାଭିତ୍ତିକ ପ୍ରମାଣର ଆବଶ୍ୟକତା ରହିଛି ।

ଖେଳକୁଦ ହେଉଛି ଶିଶୁର ଖୁସିର ମାଧ୍ୟମ, ଏହା ସ୍ୱତଃପ୍ରବୃତ୍ତ ଭାବରେ ଶିଶୁ ମଧ୍ୟରେ ସୃଷ୍ଟି ହୋଇଥାଏ । ଶିଶୁର ପ୍ରାରମ୍ଭିକ ଶିକ୍ଷାର ଆରମ୍ଭରୁ କ୍ରୀଡାକୁ ସଂଯୋଗ କରାଯିବା ଆବଶ୍ୟକ । ଏହା ଶିଶୁ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ୫.୬- ଅଭିପ୍ରେରଣା

ଛୋଟ ପିଲାମାନେ ଯାହା କିଛି ବି କରନ୍ତି ସେଥିରୁ କିଛି ନା କିଛି ଶିଖିଥାନ୍ତି । ସେମାନେ ସ୍ୱାଭାବିକ ଭାବରେ

ସର୍ବଦା ଶିଖିବା ପାଇଁ ଆଗ୍ରହୀ । ସେମାନେ ସର୍ବଦା ଆବିଷ୍କାର କରିବା ଓ ଅନୁସନ୍ଧାନ କରିବାକୁ ଇଚ୍ଛା କରନ୍ତି । ଯଦି ସେମାନଙ୍କ ଆବିଷ୍କାର ଫଳପ୍ରଦ ତଥା ଆନନ୍ଦଦାୟୀ ହୁଏ, ତେବେ ସେମାନେ ଅଧିକରୁ ଅଧିକ ଶିଖିବା ପାଇଁ ଇଚ୍ଛା କରନ୍ତି । ଏହି ପ୍ରାଥମିକ ଅବସ୍ଥାରେ ପିଲାମାନଙ୍କ ମଧ୍ୟରେ ଶିକ୍ଷଣ ପ୍ରତି ଯେଉଁ ମନୋବୃତ୍ତି ଜାଗ୍ରତ ହୁଏ । ତାହା ଅଧିକ ଦିନ ପାଇଁ ରହିଥାଏ । ଏହି ଅବସ୍ଥାରେ ଯେଉଁ ପିଲାମାନେ ଉପଯୁକ୍ତ ସମର୍ଥନ, ଉତ୍ସାହ ତଥା ପ୍ରେରଣା ପ୍ରାପ୍ତ କରନ୍ତି, ସେମାନେ ନିଶ୍ଚିତ ଭାବରେ ସୃଜନାତ୍ମକ ଏବଂ ଦୁଃସାହସୀ ଶିକ୍ଷାର୍ଥୀ ହୋଇପାରନ୍ତି, ଏବଂ ଯେଉଁ ଶିକ୍ଷାର୍ଥୀମାନଙ୍କୁ ଏହା ମିଳେନି, ସେମାନଙ୍କର ଶିକ୍ଷଣ ପ୍ରତି ମନୋବୃତ୍ତି କମିଯାଏ । ବାହ୍ୟ ଏବଂ ଆଭ୍ୟନ୍ତରୀଣ ଅନେକଗୁଡିଏ ଉପାଦାନ ଶିଶୁର ବିକାଶକୁ ପ୍ରଭାବିତ କରିଥାଏ । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଶାଳୀ ଆଭ୍ୟନ୍ତରୀଣ ଉପାଦାନ ହେଉଛି ଶିକ୍ଷାର୍ଥୀର ଅଭିପ୍ରେରଣା । ଅଭିପ୍ରେରଣା ଦୁଇ ପ୍ରକାର ଯଥା ବାହ୍ୟ ଅଭିପ୍ରେରଣା ଓ ଅନ୍ତର୍ନିହିତ ଅଭିପ୍ରେରଣା । କିନ୍ତୁ ଶିକ୍ଷା କ୍ଷେତ୍ରରେ ଅନ୍ତର୍ନିହିତ ଅଭିପ୍ରେରଣା ବିଶେଷ ଭାବରେ ଫଳପ୍ରଦ ।

## ୫.୬.୧- ଛୋଟ ପିଲାମାନଙ୍କଠାରେ ଅଭିପ୍ରେରଣାର ଲକ୍ଷଣ

ଶିଶୁମାନଙ୍କର ବହୁତ ଜିନିଷ କରିବା ପାଇଁ ଆଗ୍ରହ ଥାଏ । ଖେଳନା ଓ ଡ୍ରେସ୍ ମଧ୍ୟରୁ ଗୋଟିଏକୁ ଚୟନ କରିବା ଅନ୍ତର୍ନିହିତ ଅଭିପ୍ରେରଣାର ଏକ ଫଳାଫଳ ଅଟେ । ଶିଶୁଟି ନିଜ ପାଇଁ ନିଜେ ଚୟନ କରିପାରେ ଏବଂ ଉଭୟ ଚୟନ ଓ ଖେଳନାଟିରେ ଖେଳିବା କିମ୍ବା ଡ୍ରେସ ପିନ୍ଧିବାରୁ ଆତ୍ମତୋଷ ଲାଭ କରିପାରେ । ଯେହେତୁ ଏହି କାର୍ଯ୍ୟ ଶିଶୁ ମନରେ ଅଭିପ୍ରେରଣ  ସୃଷ୍ଟି କରେ, ତେଣୁ ସେ ତାର ଇଚ୍ଛାନୁସାରେ କାର୍ଯ୍ୟଟିକୁ ଅଧିକ ସମୟ କରିପାରେ । ଆଉ କେତେକ କାର୍ଯ୍ୟ ବଡମାନଙ୍କୁ ନିର୍ଦ୍ଦେଶାନୁଯାୟୀ ଶିଶୁମାନେ କରିଥାନ୍ତି । ଏହାକୁ ବାହ୍ୟ ଅଭି ପ୍ରେରଣା କୁହାଯାଏ । ଯେତେବେଳେ ଶିଶୁଟିକୁ ବାହ୍ୟ ଅଭିପ୍ରେରଣା ଦିଆଯାଏ, ସେତେବେଳେ ଏହାର ଫଳାଫଳ ମଧ୍ୟ ବାହାରୁ ଆସେ ଏବଂ ଏହା ଜଣଙ୍କ ଦ୍ୱାରା ଦିଆଯାଏ । ଏହି କାର୍ଯ୍ୟଟିକୁ ଚାଲୁ ରଖିବା ନିମନ୍ତେ ତାକୁ ଅବିଚ୍ଛିନ୍ନ ଭାବରେ ଅଭିପ୍ରେରଣା ଯୋଗାଇ ଦେବା ଆବଶ୍ୟକ । ବାହ୍ୟ ଅଭିପ୍ରେରଣାକୁ ସମ୍ଭାଳିବା ଗୋଟିଏ ଶିଶୁ ପକ୍ଷରେ ନିଶ୍ଚିତ ଭାବରେ କଷ୍ଟକର ଯେହେତୁ ସେହି କାର୍ଯ୍ୟ ସେ ଅନ୍ୟମାନଙ୍କ ଇଚ୍ଛାରେ ବଳପୂର୍ବକ କରେ ।

ଯେହେତୁ ଅନ୍ତର୍ନିହିତ ଅଭିପ୍ରେରଣା ଯୁକ୍ତ କାର୍ଯ୍ୟ ଅଧିକ ଫଳପ୍ରଦ, ଶିଶୁ ସେଥିରୁ ଅଧିକ ଶିକ୍ଷଣ କରିଥାଏ । ଏବଂ ସେହି ଶିକ୍ଷଣ ଦୀର୍ଘସ୍ଥାୟୀ । ଅନ୍ତର୍ନିହିତ ଭାବରେ ଅଭିପ୍ରେରିତ ଶିକ୍ଷାର୍ଥୀମାନେ ନିଜ ଶିକ୍ଷଣ ଓ ବିକାଶ ସହିତ ଅଧିକ ଭଲ ଭାବରେ ଜଡିତ ଥାନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ଶିଶୁଟି ଯେତେବେଳେ ସ୍ୱ ଅଭିପ୍ରେରିତ ହୋଇଥାଏ ସେତେବେଳେ ସେ ଶିଖିବା ଏବଂ ଶିକ୍ଷଣକୁ ଦୀର୍ଘସ୍ଥାୟୀ କରିବା ନିମନ୍ତେ ବିଶେଷ ଭାବରେ ପ୍ରୟାସ ହୋଇଥାଏ । କାରଣ ସେ ବିଶ୍ୱାସ କରେ ଯେ ସେ ନିଜକୁ ନିଜେ ଖୁସି କରିପାରିଛି ।  ପିତାମାତା ବିଭିନ୍ନ କ୍ରୀଡା ଓ ଅନ୍ୟାନ୍ୟ କାର୍ଯ୍ୟ ମାଧ୍ୟମରେ ଶିଶୁ ମଧ୍ୟରେ ଦୃଢ ବିଶ୍ୱାସ ସଂଗଠନ କରିପାରିବେ । ଏହି ଅସଂଗଠିତ କ୍ରୀଡା ଶିକ୍ଷାର୍ଥୀର ଅଭିପ୍ରେରଣା, ଶିକ୍ଷଣ ଓ ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ।

## ୫.୬.୨- ଅଭିପ୍ରେରଣାର ବିକାଶ

ଅନେକଗୁଡିଏ ଆଚରଣଗତ ଲକ୍ଷଣ ଉଚ୍ଚ ଅଭିପ୍ରେରଣା ସୂଚକ ଅଟେ । ସେଥିମଧ୍ୟରୁ  କେତେକ ଗୁରୁତ୍ୱପୂର୍ଣ୍ଣ କାରକ ଏବଂ ଏହି ଲକ୍ଷଣଗୁଡିକର ବିକାଶରେ ଶିଶୁକୁ ସାହାଯ୍ୟ କରୁଥିବା କିଛି ମାର୍ଗ ସମ୍ପର୍କରେ ନିମ୍ନରେ ବର୍ଣ୍ଣିତ ।

ଯୁକ୍ତିଯୁକ୍ତ ଭାବରେ କୌଣସି କାର୍ଯ୍ୟ ସହିତ ଅଧିକ ଦିନ ପର୍ଯ୍ୟନ୍ତ ଜଡିତ ରହିବା ପାଇଁ ଜିଦ୍ ହେଉଛି ଏକ ଦକ୍ଷତା । ଯଦିଓ ଛୋଟ ପିଲାମାନେ କୌଣସି ଏକ କାର୍ଯ୍ୟରେ ଅଧିକ ସମୟ ପାଇଁ ଧ୍ୟାନକେନ୍ଦ୍ରୀତ କରିପାରନ୍ତି ନାହିଁ, ତଥାପି ସେମାନଙ୍କ ମଧ୍ୟରେ ଏହି ଅବଧିରେ ତାରତମ୍ୟ ଦେଖାଯାଏ । ଉଚ୍ଚ ଅଭିପ୍ରେରିତ ଶିଶୁମାନେ କୌଣସି କାର୍ଯ୍ୟକୁ ଅଧିକ ସମୟ ପର୍ଯ୍ୟନ୍ତ କରିପାରୁଥିବା ବେଳେ ଅଣ ଅଭିପ୍ରେରିତ ଶିଶୁମାନେ ଥରେ ଫଳପ୍ରଦ ନ ହେଲେ କାର୍ଯ୍ୟଟିକୁ ଆଉ କରି ନଥାନ୍ତି । ଶିଶୁଟିଏ ସେତେବେଳେ ଜିଦ୍‌ର ଦକ୍ଷତା ପାଇଥାଏ, ଯେତେବେଳେ ସେ କୌଣସି ଆହ୍ୱାନମୂଳକ କାର୍ଯ୍ୟରେ ସଫଳତା ହାସଲ କରେ । ଜିଦ୍ ସଂଗଠନ କରିବା ସେତେବେଳେ

ସମ୍ଭବ ଯେତେବେଳେ ଶିଶୁକୁ ଦିଆଯାଇଥିବା କାର୍ଯ୍ୟ ଆହ୍ୱାନମୂଳକ ହୋଇଥିବ, କିନ୍ତୁ ଭାରାକ୍ରାନ୍ତ ହୋଇ ନଥିବ ।

ଆହ୍ୱାନର ଚୟନ ମଧ୍ୟ ଅଭିପ୍ରେରଣାର ଅନ୍ୟ ଏକ କାରଣ । ପିଲାମାନେ ଯଦି ଗୋଟିଏ ଆହ୍ୱାନର ସମ୍ମୁଖୀନ ହୋଇ ସେଥିରେ ସଫଳତା ଲାଭ କରନ୍ତି, ତେବେ ସେମାନେ ଅନ୍ୟ ଏକ ଆହ୍ୱାନକୁ ସ୍ୱାଗତ କରନ୍ତି । ଅଭିପ୍ରେରିତ ଶିକ୍ଷାର୍ଥୀମାନେ ଏପରି ଏକ କାର୍ଯ୍ୟ ଚୟନ କରିଥାନ୍ତି, ଯାହା ସେମାନଙ୍କ ପାଇଁ ଅଳ୍ପ ପରିମାଣରେ କଷ୍ଟ ହୋଇଥାଏ । ମାତ୍ର ଉପଯୁକ୍ତ ଆହ୍ୱାନ ଯୋଗାଇଥାଏ । ଯେତେବେଳେ ସେହି କାର୍ଯ୍ୟରେ ସେମାନେ ସଫଳ ହୋଇଥାନ୍ତି, ସେତେବେଳେ ତାଙ୍କୁ ଏକ ଗଭୀର ଆତ୍ମତୃପ୍ତି ହୋଇଥାଏ । ଅଣ ଅଭିପ୍ରେରିତ ଶିକ୍ଷାର୍ଥୀମାନେ ଯେଉଁମାନେ ସଫଳତାର ଅନୁଭୂତି ପ୍ରାପ୍ତ କରି ନଥାନ୍ତି । ସେମାନେ ସର୍ବଦା ଏପରି କାର୍ଯ୍ୟ ଚୟନ କରିଥାନ୍ତି, ଯାହା ସେମାନଙ୍କ ପାଇଁ ବହୁତ ସହଜ ଏବଂ ସେମାନେ ସେଥିରେ ବହୁତ ଶୀଘ୍ର ସଫଳତା ପାଇଥାନ୍ତି, ମାତ୍ର କମ ଆତ୍ମତୃପ୍ତି ଅନୁଭବ କରିଥାନ୍ତି । କାରଣ ସେମାନେ ଜାଣିଥାନ୍ତି ଯେ କାର୍ଯ୍ୟଟି ତାଙ୍କ ପାଇଁ ସେତେ ଆହ୍ୱାନମୂଳକ ନ ଥିଲା ।

ଗୁରୁଜନମାନଙ୍କ ଉପରେ ନିର୍ଭରଶୀଳତାର ପରିମାଣ ମଧ୍ୟ ଅଭିପ୍ରେରଣାର ଏକ ସୂଚକ । ଯେଉଁ ପିଲାମାନେ ଅନ୍ତଃ ଅଭିପ୍ରେରିତ ଅଟନ୍ତି ସେମାନଙ୍କୁ ସବୁବେଳେ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ତଥା ତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ସର୍ବଦା ଜଣେ ଗୁରୁଜନଙ୍କର ଆବଶ୍ୟକତା ନଥାଏ । ଯେଉଁ ପିଲାମାନଙ୍କୁ ଅଭିପ୍ରେରିତ କରାଯାଇ ନଥାଏ ସେଠାରେ ସର୍ବଦା ଜଣେ ଗୁରୁଜନଙ୍କର ସାହାଯ୍ୟ ଦରକାର ପଡିଥାଏ । ଯେହେତୁ ଗୁଣାତ୍ମକ ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ହେଉଛି ସ୍ୱାଧୀନତା, ତେଣୁ ଗୁରୁଜନମାନଙ୍କ ଉପରେ ନିର୍ଭରଶୀଳତା ଶିକ୍ଷାର୍ଥୀର ସଫଳତା ପାଇବାର ଦକ୍ଷତାକୁ କମାଇଦିଏ । ବିଭିନ୍ନ କ୍ରୀଡା ଓ ଅନ୍ୟାନ୍ୟ କାର୍ଯ୍ୟ ଯାହା ଶିକ୍ଷାର୍ଥୀ ତାର ନିଜ ଇଚ୍ଛା ଓ ଆଗ୍ରହର ସହିତ କରିବାକୁ ଇଚ୍ଛା କରେ । ସେଭଳି କ୍ରୀଡା କିମ୍ବା କାର୍ଯ୍ୟ ମାଧ୍ୟମରେ ପିତାମାତା ପିଲାଙ୍କ ମଧ୍ୟରେ ସ୍ୱାଧୀନ ଭାବରେ ଅଭିପ୍ରେରଣା ଜାଗ୍ରତ କରାଇପାରିବେ । ସାଧାରଣତଃ ପ୍ଲାଷ୍ଟିକର ବିଭିନ୍ନ ଖେଳନା, ରଙ୍ଗ, ତୁଳୀ, କାଗଜ ପ୍ରଭୃତି ପିଲାମାନଙ୍କର ଖେଳିବାର ଜିନିଷ ହୋଇଥାଏ । ଏଗୁଡିକ ମାଧ୍ୟମରେ ସେମାନେ ନିଜ ଦୁନିଆକୁ ଅନ୍ୟ କାହାର ସହାୟତାରେ ନିଜେ ଉଦ୍ଭାବନା କରିପାରିବେ । ଅଭିପ୍ରେରଣା ସ୍ତରର ଶେଷ ସୂଚକ ହେଉଛି ଆବେଗ । ଯେଉଁ ପିଲାମାନେ ଉପଯୁକ୍ତ ଅଭିପ୍ରେରଣା ପାଇଥାନ୍ତି, ସେମାନେ ତାଙ୍କ କାର୍ଯ୍ୟରୁ ଆତ୍ମସନ୍ତୁଷ୍ଟି ଲାଭ କରିବା ସହିତ ଅଧିକ ଆଗ୍ରହର ସହିତ କାର୍ଯ୍ୟଟିକୁ କରିଥାନ୍ତି । ଉପଯୁକ୍ତ ଅଭିପ୍ରେରଣା ଅଭାବରେ ଶିଶୁମାନେ ବିରକ୍ତ, ବିଷର୍ଣ୍ଣ ଓ ଚୁପ୍‌ଚାପ୍ ହୋଇଯାଆନ୍ତି । ସେମାନେ ସେହି କାର୍ଯ୍ୟରୁ କୌଣସି ପ୍ରକାର ଆନନ୍ଦ ଉପଭୋଗ କରିପାରନ୍ତି ନାହିଁ । ବରଂ ବାରମ୍ବାର ଅଭିଯୋଗ ଆଣିଥାନ୍ତି । ଜଣେ ଶିକ୍ଷକ ହିସାବରେ ସମ୍ଭବତଃ ତୁମେ ଶିଶୁମାନଙ୍କ ମାନସିକ ସ୍ତରର ସର୍ବଶ୍ରେଷ୍ଠ ବିଚାରକ ।

## ୫.୬.୩- ଅଭିପ୍ରେରଣାର ବୃଦ୍ଧି

ଶିକ୍ଷକ ଛୋଟ ଛୋଟ ଶିଶୁ ମାନଙ୍କୁ ପଢେଇବା ସମୟରେ ତାଙ୍କର ଲକ୍ଷ୍ୟ ଉପଯୁକ୍ତ ଭାବରେ ଶିକ୍ଷାର୍ଥୀ ମଧ୍ୟରେ ଅଭିପ୍ରେରଣାର ବିକାଶ କରିବାରେ ସହାୟକ ହେଉଥିବା ଦରକାର ଯଦ୍ଦ୍ୱାରା ଅନୁକୂଳ ଶୈକ୍ଷିକ ଅଭିବୃଦ୍ଧିର ମୁଳଦୂଆ ସୃଷ୍ଟି ହୋଇପାରିବ । ଅଧିକ ବାହ୍ୟ ପୁରସ୍କାରର ବ୍ୟବହାର ସମ୍ପର୍କରେ ଶିକ୍ଷଣ ବିଶେଷ ଭାବରେ ସତର୍କ ହେବା ଦରକାର କାରଣ ଏହା ଶିକ୍ଷାର୍ଥୀର ଅଭିପ୍ରେରଣା ଅଭିବୃଦ୍ଧିରେ ଗଭୀର ଭାବରେ ହସ୍ତକ୍ଷେପ କରିଥାଏ । କୌଣସି କାର୍ଯ୍ୟ ସମ୍ପାଦନା ନିମନ୍ତେ ପ୍ରଶଂସା ଠିକ୍ ଅଛି କିନ୍ତୁ ଏହା ନିଶ୍ଚିତ ଭାବରେ ମନେ ରଖିବାକୁ ହେବ ଯେ ଶିଶୁର ପ୍ରଶଂସା ପାଇଁ ନୁହେଁ, ବରଂ ତା ଆଗ୍ରହ ଅନୁଯାୟୀ କାର୍ଯ୍ୟଟିଏ କରିଥାଏ ।

ସମସ୍ୟା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଗୁରୁଜନ କିମ୍ବା ଅନ୍ୟ କେହି ଶିଶୁର ପରିବେଶ ମଧ୍ୟରେ ବାହ୍ୟ ମାନ୍ୟତାଙ୍କୁ ବାଧ୍ୟତାମୂଳକ କରାଇଥାନ୍ତି । ତାର ଆଭ୍ୟନ୍ତରୀଣ ପାରିତୋଷିକ ବଦଳରେ ଅନ୍ୟ ପୁରସ୍କାର ଯଥା ଟଙ୍କା, ଚକୋଲେଟ୍, ଉଚ୍ଚ ପ୍ରଶଂସା ପ୍ରଭୃତିକୁ ପ୍ରତିସ୍ଥାପିତ କରିଥାନ୍ତି । ଏପରି କଲେ ସେମାନେ

ଟିପ୍ପଣୀ

ନିଜର ଅନ୍ତର୍ନିହିତ ଅଭିପ୍ରେରଣାକୁ ହରାଇବେ ଏବଂ କେବଳ ଯେତେବେଳେ ବିଚାରକମାନେ ତାଙ୍କୁ ସଫଳ ବୋଲି ଘୋଷିତ କରିବେ ସେତେବେଳେ ହିଁ ସେ ସଫଳ ବୋଲି ଭାବିବେ । ଏପରି ପରିସ୍ଥିତିରେ ଶିଶୁ ନିଜର ମୂଲ୍ୟ ତଥା ଗୁରୁତ୍ୱକୁ ଅନୁଭବ କରିବାର ଦକ୍ଷତାକୁ ନିଜ ଭିତରେ ବିକାଶ କରାଇପାରିବ ନାହିଁ ଏବଂ ନିଜ ମୂଲ୍ୟକୁ ଅନ୍ୟ କାହାର ମାନ୍ୟତା ଦ୍ୱାରା ବିଚାର କରିବ । ଶିଶୁଟିଏ ଏପରି ପଚାରିବା ଆଦୌ ଉଚିତ୍ ନୁହେଁ ଯେ 'ମୁଁ ଭଲ କଲି ତ ?' ବରଂ ସେ ନିଜ ସଫଳତାକୁ ନିଜେ ଜାଣିବା ତଥା ନିଜ ଉପରେ ବିଶ୍ୱାସ ରହିବା ଉଚିତ୍ ।

ଏପରି ଅନେକ ଗୁଡ଼ିଏ ପଦ୍ଧତି ରହିଛି ଯାହାକୁ ବ୍ୟବହାର କରି ଶିକ୍ଷକ ଶିକ୍ଷାର୍ଥୀକୁ ସ୍ୱ ଅଭିପ୍ରେରିତ ହେବାରେ ସାହାଯ୍ୟ କରିପାରିବେ । ଏପରି ଏକ ପରିବେଶ ଯୋଗାଇ ଦେବେ ଯାହା ଶିକ୍ଷାର୍ଥୀକୁ ମୁକ୍ତ ଭାବରେ ଅନୁସନ୍ଧାନ କରିବା ତଥା ନିଜ କାର୍ଯ୍ୟର ପ୍ରଭାବ ଜାଣିବା ନିମନ୍ତେ ସହାୟକ ହେଉଥିବ ।

- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କରିବାର ସ୍ପୃହା ଅର୍ଥାତ ଜିଦ୍‌କୁ ଜାଗ୍ରତ କରିବା ନିମନ୍ତେ କୌଣସି କାର୍ଯ୍ୟ ପାଇଁ ସେମାନଙ୍କୁ ଯଥେଷ୍ଟ ପରିମାଣର ସମୟ ଦେବା ।
- ଯେତେବେଳେ ପିଲାମାନେ କୌଣସି କାର୍ଯ୍ୟରେ ଗଭୀର ଭାବରେ ସଂଶ୍ଳିଷ୍ଟ ରହନ୍ତି, ସେତେବେଳେ ସେମାନେ ଯେପରି କାର୍ଯ୍ୟଟିକୁ ବିନା କୌଣସି ବ୍ୟାଘାତରେ ସମାପ୍ତ କରିବ ତାହା ନିଶ୍ଚିତ କରିବାକୁ ହେବ ।
- 'ସାହାଯ୍ୟ' ନାମକ ପ୍ରାକୃତିକ ଅଭ୍ୟାସକୁ ତ୍ୟାଗ କରିବାକୁ ହେବ ।
- ପିଲାମାନଙ୍କର ଆବଶ୍ୟକକୁ ଏକ ଅନୁପମ ଏବଂ ପ୍ରତ୍ୟାଶିତ ଢଙ୍ଗରେ ପୂରଣ କରାଯିବ ମାତ୍ର ସେମାନଙ୍କୁ ଯଥାସମ୍ଭବ ସ୍ୱାଧୀନତା ପ୍ରଦାନ କରିବା ଉଚିତ୍ ।
- ସମସ୍ତ ଶିକ୍ଷାର୍ଥୀ ଏକ ସ୍ପଷ୍ଟ ପରିଭାଷିତ ସୀମା ଆବଶ୍ୟକ କରନ୍ତି । ତେଣୁ ନିର୍ଦ୍ଧାରିତ କିମ୍ବା ସଂଗଠିତ ହୋଇ ନଥିଲେ ମଧ୍ୟ କ୍ରୀଡା ପାଇଁ କିଛି ସମୟ ରଖାଯିବ ।
- ପିଲାମାନଙ୍କୁ ଗୁରୁଜନଙ୍କ ସହିତ ମିଶି କୌଣସି କାର୍ଯ୍ୟକରିବା ତଥା ଅନୁସନ୍ଧାନ କରିବା ନିମନ୍ତେ ଯଥେଷ୍ଟ ସୁବିଧା ସୁଯୋଗ ଯୋଗାଇ ଦେବା ।
- ଏହା ଉଭୟ ଗୁରୁଜନ ଓ ଶିଶୁ ପାଇଁ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଗୁରୁଜନଙ୍କୁ ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ପ୍ରଦାନ କରିବା ସହିତ ଶିଶୁକୁ ପ୍ରୋତ୍ସାହିତ କରିଥାଏ ।
- ଏପରି ପରିସ୍ଥିତି ସୃଷ୍ଟି କରିବା ଯାହା ଶିକ୍ଷାର୍ଥୀକୁ ଏକ ଗ୍ରହଣଯୋଗ୍ୟ ଆହ୍ୱାନ ଦେଇପାରୁଥିବ । ଯେଉଁ କାର୍ଯ୍ୟଗୁଡ଼ିକ ଶିଶୁ ପାଇଁ ଅଳ୍ପ ପରିମାଣରେ କଷ୍ଟ ତାହା ତା ପାଇଁ ଅଧିକ ଅନୁପ୍ରେରଣାଦାୟୀ ହୋଇଥାଏ ଏବଂ କାର୍ଯ୍ୟରେ ସମ୍ପାଦନା ପରେ ସଫଳତାର ଅନୁଭବକୁ ଦ୍ୱିଗୁଣିତ କରିଥାଏ । ପ୍ରଥମେ ପ୍ରଥମେ ଏଥିରେ ପ୍ରଯତ୍ନ ଓ ପ୍ରମାଦ ବ୍ୟବହୃତ ହୋଇପାରେ ।
- ପିଲାମାନଙ୍କୁ ନିଜ ସମ୍ପାଦିତ କାର୍ଯ୍ୟକୁ ନିଜେ ମୂଲ୍ୟାୟନ କରିବା ପାଇଁ ସୁଯୋଗ ଦେବା ।
- ଶିଶୁଟି ଭଲ କରିଛି ବୋଲି ନିଜେ ମତାମତ ଦେବା ପୂର୍ବରୁ ଶିଶୁଟି ନିଜେ ନିଜ କାର୍ଯ୍ୟ ବିଷୟରେ କଣ ଭାବୁଛି ତାହା ପଚାରିବା ଉଚିତ୍ ।
- ମାତ୍ରାଧିକ ପୁରସ୍କାର ବ୍ୟବହାର କରିବା ଅନୁଚିତ୍ । ଶିଶୁର ନିଜ ଦକ୍ଷତା ଅନୁଯାୟୀ ନିଜର ମୂଲ୍ୟକୁ ବୁଝିବାର ଦକ୍ଷତା ଯେପରି ଦୁର୍ବଳ ନ ହୁଏ, ସେଥିପ୍ରତି ଯତ୍ନବାନ୍ ହେବା । ପ୍ରଶଂସା କିମ୍ବା ପୁରସ୍କାର ପ୍ରକୃତ ସମ୍ପାଦିତ କାର୍ଯ୍ୟ ଅନୁଯାୟୀ ନୁହେଁ, ବରଂ ଏହା ଶିଶୁର ଉଦ୍ୟମ ଏବଂ କାର୍ଯ୍ୟକରିବାର ସ୍ପୃହା ଓ ଜିଦ୍ ଅନୁଯାୟୀ ହେବା ଆବଶ୍ୟକ ।

ଶିଶୁ ନଜରରେ ପୃଥିବୀ ଗୋଟିଏ ଆଶ୍ଚର୍ଯ୍ୟଜନକ କ୍ଷେତ୍ର । ତେଣୁ ଶିଶୁକୁ ତାର ନିଜ ଦୁନିଆ ବିଷୟରେ ଅନୁସନ୍ଧାନ କରିବା ପାଇଁ ତଥା ଆବିଷ୍କାର କରିବା ପାଇଁ ଅନୁମତି ଦେବା ଉଚିତ୍ । ପୃଥିବୀର କୋଣଅନୁକୋଣ ପିଲାମାନଙ୍କର ସଦ୍ୟ ବିକଶିତ ଚିତ୍ତ ନିମନ୍ତେ ଅନେକ ଅନୁଭୂତି ଓ ଅନେକ ଅପ୍ରତ୍ୟାଶିତ ଘଟଣା ସାଇତି

ରଖିଥାଏ । ସେମାନଙ୍କ ମନର ବିକାଶ ନିମନ୍ତେ ସେମାନେ ଆବଶ୍ୟକ କରନ୍ତି କେବଳ ଠିକ୍ ଦିଗ ଏବଂ ଯଥେଷ୍ଟ ପରିମାଣର ସ୍ୱାଧୀନତା । ପିଲାମାନଙ୍କୁ ସେମାନଙ୍କର ନିଜ କାର୍ଯ୍ୟ ପାଇଁ ପୁରସ୍କୃତ କିମ୍ବା ପ୍ରଶଂସିତ କରାଯିବାର ଆବଶ୍ୟକତା ନାହିଁ । କିନ୍ତୁ ସେହି କାର୍ଯ୍ୟରୁ ସେ କାର୍ଯ୍ୟ ସମ୍ପାଦନାର ଯେଉଁ ଅନୁଭୂତି ଲାଭ କରେ ତାହା ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ । ମାତ୍ରାଧିକ ପରିମାଣର ପ୍ରଶଂସା ବା ପୁରସ୍କାର ଅନାବଶ୍ୟକ ଏବଂ ଶିକ୍ଷାର୍ଥୀର ଅଭିପ୍ରେରଣା ଓ ଶିକ୍ଷଣ ପ୍ରତି ଥିବା ଇଚ୍ଛାଶକ୍ତିକୁ କ୍ଷତି ପହଞ୍ଚାଇଥାଏ । ମନେ ରଖିବାକୁ ହେବ ଯେ ପ୍ରାଥମିକ ସ୍ତରରେ ଶିକ୍ଷଣ ପ୍ରତି ମନୋବୃତ୍ତି ଓ ଅଭ୍ୟାସ ଭବିଷ୍ୟତରେ ଶିକ୍ଷଣ ପାଇଁ ପଥ ପରିଷ୍କାର କରିଥାଏ ।

## ୫.୭- ଏହି ଏକକରୁ ତୁମେ ଯାହା ଶିଖିଲ

ଏହି ଏକକରୁ ଆମେ ପଢିଲେ ଯେ ପ୍ରତ୍ୟୟ ସଂଗଠନ କଣ, ବିଭିନ୍ନ ପ୍ରତ୍ୟୟ ମାଧ୍ୟମରେ ଆତ୍ମପ୍ରତ୍ୟୟକୁ କିପରି ବୁଝିବା, ପ୍ରତ୍ୟୟ ସଂଗଠନରେ ସାହାଯ୍ୟ କରୁଥିବା ଉପାଦାନ ତଥା ଆତ୍ମପ୍ରତ୍ୟୟର ବିକାଶରେ ସହାୟକ ହେଉଥିବା ଉପାଦାନଗୁଡିକ କଣ ? ଜଣେ ଶିକ୍ଷକ ହିସାବରେ ଆତ୍ମପ୍ରତ୍ୟୟର ଉପଯୁକ୍ତ ବୃଦ୍ଧି ନିମନ୍ତେ ଆତ୍ମପ୍ରତ୍ୟୟ ବିକାଶ ପ୍ରକ୍ରିୟାକୁ ବୁଝିବା ନିହାତି ଆବଶ୍ୟକ । ପିଲାମାନଙ୍କର ଉପଯୁକ୍ତ ମନସ୍ତାତ୍ତ୍ୱିକ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଆମକୁ ମୂଲ୍ୟବୋଧ, ଅନୁଭୂତି, ଓ ଅଭିପ୍ରେରଣାର ଉପଯୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବାକୁ ହେବ । ଏଗୁଡିକ ନିଶ୍ଚିତ କରିବା ନିମନ୍ତେ ପ୍ରଥମେ ଆମକୁ ଜାଣିବାକୁ ହେବ ଯେ ଏଗୁଡିକ କଣ ଓ ଏଗୁଡିକୁ କିପରି ପ୍ରୋତ୍ସାହିତ କରାଯାଇପାରିବ । ଶିକ୍ଷକଙ୍କ ଦ୍ୱାରା ଶୃଙ୍ଖଳା ଜ୍ଞାନର ଉପଯୁକ୍ତ ବ୍ୟବହାର ଦ୍ୱାରା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉତ୍ତମ ମୂଲ୍ୟବୋଧ ସ୍ଥାପିତ ହୋଇପାରିବ । ମୂଲ୍ୟବୋଧ ସହିତ ଅନ୍ୟାନ୍ୟ ଜିନିଷ ଶିଖିବା ନିମନ୍ତେ ଶିଶୁ ଭିତରେ ମନୋବୃତ୍ତି ମଧ ଜାଗ୍ରତ ହୋଇଉଠେ । ପ୍ରଥମେ ପ୍ରଥମେ ଗୃହ ପରିବେଶ ପରିବାର ଏବଂ ସାଙ୍ଗସାଥୀଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ମନୋବୃତ୍ତି ଜାଗ୍ରତ ହୁଏ । ପରେ ନିଜ ସମକକ୍ଷ ବ୍ୟକ୍ତି ତଥା ସମାଜର ବିଭିନ୍ନ ବ୍ୟକ୍ତିଙ୍କ ସହ ସମ୍ପର୍କ ଶିଶୁର ଆବଶ୍ୟକତା ତଥା ସୂଚନାର ଉତ୍ସ ଭାବରେ ଶିଶୁର ଅନୁକୂଳ ଓ ପ୍ରତିକୂଳ ମନୋବୃତ୍ତିକୁ ପ୍ରଭାବିତ କରିଥାଏ । ଶିକ୍ଷକ ବ୍ୟକ୍ତିଗତ ଶିକ୍ଷାର୍ଥୀ ସୃଷ୍ଟି କରିପାରୁଥିବା ଦରକାର, ଯଦ୍ୱାରା ଶିକ୍ଷଣ ଭଲ ଭାବରେ ହୋଇପାରିବ । ଜଣେ ପ୍ରଭାବଶାଳୀ ଶିକ୍ଷକ ପ୍ରକୃତରେ ଯତ୍ନ କରିପାରନ୍ତି, ଭଲ ପାଆନ୍ତି, ଗ୍ରହଣ କରନ୍ତି, ଏବଂ ଶିକ୍ଷାର୍ଥୀମାନଙ୍କର ମୂଲ୍ୟ ବୁଝନ୍ତି । ସେମାନେ ଦୟାଭାବ ପ୍ରଦର୍ଶନ କରନ୍ତି, ଦାୟିତ୍ୱ ବଣ୍ଟନ କରନ୍ତି, ପରିବର୍ତ୍ତନକୁ ଗ୍ରହଣ କରନ୍ତି, ବ୍ୟକ୍ତିଗତ ବିକାଶର ସୂଚନାକୁ ପ୍ରଶୟ ଦିଅନ୍ତି ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରନ୍ତି । ଏହି ୫ଟି ମନୋବୃତ୍ତି ସମ୍ପର୍କରେ ଜ୍ଞାନ ଥିବା ସହିତ ଜଣେ ପ୍ରଭାବଶାଳୀ ଶିକ୍ଷକ ହେବା ନିମନ୍ତେ ସାମର୍ଥ୍ୟ ଥିବା ଆବଶ୍ୟକ । ଜ୍ଞାନ, ସ୍ମରଣ,ଏବଂ କ୍ରୀଡା ବିଭିନ୍ନ ପ୍ରକାର ଅନୁଭୂତି ଆହରଣ ନିମନ୍ତେ ନିହାତି ଦରକାର ।

ଜିନ୍ ପିଆଜେ ଏବଂ ଭାଇଗୋଟ୍‌ସ୍କି ବୁଦ୍ଧି ଏବଂ ଅନୁଭୂତିର ବିକାଶ ନିମନ୍ତେ କ୍ରୀଡାର ଗୁରୁତ୍ୱକୁ ଯଥାର୍ଥ ରୂପେ ପ୍ରତିପାଦିତ କରିଥିଲେ । ଶିକ୍ଷକ ମଧ ଏହା ଜାଣିବା ଆବଶ୍ୟକ ଯେ କ୍ରୀଡା ପଦ୍ଧତି ମାଧ୍ୟମରେ ଶିକ୍ଷଣ ଦ୍ୱାରା ଶିକ୍ଷାର୍ଥୀମାନେ ଶ୍ରେଣୀ ଗୃହରେ ଅଧିକ ଭଲରେ ବୁଝିଥାନ୍ତି । ଶିକ୍ଷକ ଯଦି ନିଜେ ଇଚ୍ଛା କରେ ତେବେ ସେ ନିଶ୍ଚିତ ଭାବରେ ଜାଣିପାରିବ ଯେ ବିଭିନ୍ନ ପ୍ରକାରର ଧାରଣା ବା ବିଷୟବସ୍ତୁକୁ କିଭଳି ଭାବରେ କ୍ରୀଡା ମାଧ୍ୟମରେ ପଢାଯାଇପାରିବ । ଶିଶୁମାନଙ୍କର ଶିକ୍ଷଣ ଅନୁଭୂତିର ବିକାଶ ନିମନ୍ତେ ସେମାନଙ୍କର ପିତାମାତା ସେମାନଙ୍କୁ ନିୟମିତ ଭାବରେ କିଛି  ସମୟ ପାଇଁ ଖେଳିବାକୁ ଛାଡିବା ଉଚିତ୍ ବୋଲି ପିତାମାତାଙ୍କୁ ବୁଝାଇବାର ଗୁରୁ ଦାୟିତ୍ୱ ମଧ ଶିକ୍ଷକଙ୍କର । କେବଳ କ୍ରୀଡା ନୁହେଁ, ଅଭିପ୍ରେରଣା ମଧ ଶିକ୍ଷଣର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଯେତବେଳେ ଶିଶୁ ନିଜେ କିଛି କରିବା ପାଇଁ ଚାହେଁ, ସେତେବେଳେ ତାକୁ ପଢାଇବା ସହଜ ହୋଇଥାଏ । ମାତ୍ର ଯେତେବେଳେ ସେ ବଳପୂର୍ବକ ଅନ୍ୟ କାହାର ନିର୍ଦ୍ଦେଶ ଅନୁଯାୟୀ କିଛି କରେ ସେତେବେଳେ ତାକୁ ଶିଖାଇବା କିମ୍ବା ଶିକ୍ଷଣ ନିମନ୍ତେ ଅଭିପ୍ରେରିତ କରିବା କଷ୍ଟକର ହୋଇଥାଏ । ଅଧିକ ବାହ୍ୟ ପୁରସ୍କାର ବ୍ୟବହାର ନ ହେବା ଦିଗରେ ଶିକ୍ଷକ ସତର୍କ ହେବା ଆବଶ୍ୟକ, କାରଣ ଏହା ଶିଶୁର ଅଭିପ୍ରେରଣାଦାୟକ ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ । ଉପଯୁକ୍ତ କାର୍ଯ୍ୟ ସମ୍ପାଦନା ନିମନ୍ତେ ପ୍ରଶଂସା କରିବା ଉଚିତ୍ । କିନ୍ତୁ ଏହା ମନେରଖିବା ଦରକାର ଯେ ଶିଶୁ ଶିକ୍ଷକଙ୍କ ପ୍ରଶଂସା ପାଇଁ ନୁହେଁ, ବରଂ ନିଜ ଆଗ୍ରହ ଅନୁଯାୟୀ କାର୍ଯ୍ୟ କରିଥାଏ ।

ଟିପ୍ପଣୀ

## ୫.୮- ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧. ପିଲାମାନଙ୍କର ଆତ୍ମପ୍ରତ୍ୟୟର ବିକାଶକୁ ପ୍ରଭାବିତ କରୁଥିବା କାରକଗୁଡିକ ବର୍ଣ୍ଣନା କର । ଶ୍ରେଣୀ କକ୍ଷରେ ପିଲାଟିର ଉପଯୁକ୍ତ ଆତ୍ମପ୍ରତ୍ୟୟର ବିକାଶ କରିବା ପାଇଁ ତୁମେ ଶିକ୍ଷକ ହିସାବରେ କଣ କରିବ ?

୨. ପିଲାମାନଙ୍କର ଉତ୍ତମ ମନୋବୃତ୍ତିର ବିକାଶ କରିବା ପାଇଁ ଶିକ୍ଷକଙ୍କର କଣ ଭୂମିକା ରହିବା ଆବଶ୍ୟକ ବର୍ଣ୍ଣନା କର ।

୩. ଶ୍ରେଣୀ କକ୍ଷ ପରିସ୍ଥିତିରେ ପିଲାମାନଙ୍କର ଅଭିପ୍ରେରଣାର ବୃଦ୍ଧି କରିବା ପାଇଁ ଶିକ୍ଷକ କେଉଁ କେଉଁ କୌଶଳ ଅବଲମ୍ବନ କରିବା ଉଚିତ୍ ।

## ୫.୯- ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ


- http://WWW.usca.edu/essays/vol 132005/gourneall.pdf
- Hurlock(1953) Developmental Psychology, A life span approch. Tata Mc Graw Hill Publishing company Limited, New delhi, india
- Dandapani.s(2010) A text book of Advanced Educational Psychology. Ammol publication PVT. LTD, New Delhi, India
- P. Natraj(1995) Psychology, publication, mysare karnataka, india.


## ୫.୧୦- ପାଠାନ୍ତ ପ୍ରଶ୍ନାବଳୀ

୧. ଶ୍ରେଣୀ କକ୍ଷରେ ଗୋଟିଏ ସାଧାରଣ କାର୍ଯ୍ୟ କରାଯିବ । ଶ୍ରେଣୀର ସମସ୍ତ ପିଲାମାନଙ୍କୁ ଗୋଟିଏ ଗୋଟିଏ ଛୋଟ ସମଜାତୀୟ ଗୋଷ୍ଠୀରେ ବିଭକ୍ତ କରି ସେମାନଙ୍କୁ କିଛି କାର୍ଯ୍ୟ କରିବା ପାଇଁ ଦିଆଯିବ । ବିଭିନ୍ନ ପ୍ରକାରର ମନୋବୃତ୍ତି ବ୍ୟବହାର କରି ପ୍ରତ୍ୟେକ ଦଳ ନିଜକୁ ପ୍ରଦର୍ଶନ କରିବେ ଏବଂ କେଉଁ ଦଳ କେଉଁ ପ୍ରକାରରେ ମନୋବୃତ୍ତି ଉତ୍କୃଷ୍ଟ ତାହା ପରୀକ୍ଷଣ କରାଯିବ ।

୨. ପ୍ରତ୍ୟେକ ଶିକ୍ଷାର୍ଥୀ ବୁଝିଥିବା/ ଅବଗତ କରିଥିବା ମୂଲ୍ୟବୋଧକୁ ଅନୁକୂଳତମ ସ୍ତର ପର୍ଯ୍ୟନ୍ତ ବ୍ୟବହାର କରିବା ପାଇଁ କୁହାଯିବ ଏବଂ ବ୍ୟବହାର ସ୍ତରକୁ ଅନୁଭବ କରାଯିବ ।

୩. ପିଲାମାନଙ୍କର ଥିବା ବିଭିନ୍ନ ସ୍ତରର ମନୋବୃତ୍ତିକୁ ମାପିବା ପାଇଁ ବିଭିନ୍ନ ମାନକୀକୃତ (standard-ized) ପରୀକ୍ଷଣର ବ୍ୟବହାର କର ।